ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

୫

ମଇ ୨୦୨୩ ସଂସ୍କରଣ

## ନାରୀ ସୁରକ୍ଷା ଆଇନ ବନାମ ବାସ୍ତବିକତା

ସ୍ମୃତି ତୁମେ

ମା ମନକଥା

ମୁଁ ଈଶ୍ୱରଙ୍କୁ ଡରେ

ଫେରାଇ ଦେବ କି ମୋତେ

ଖେଳନା ମୋ ପାଇଁ ନାରୀ

ବ୍ୟଥିତମନା ପୁରୁଷର କବିତା

ପ୍ରେମ - ବନ୍ଧନ ଦୁଇଟି ହୃଦୟର

ବାବୁଭାଇଙ୍କ ନିଜକଥା

ମୋ ଭ୍ରମଣ କାହାଣୀ

ସେଇ ବୁଢ଼ା ଲୋକ ଜଣକ

## ବଳାତ୍କାର ପାଇଁ ଦାୟୀ କିଏ ?

# ଆହ୍ୱାନ

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ | କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ | ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ବ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ | ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି | ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର | କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ |

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର  ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ  | ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ | ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ |

# ସମ୍ପାଦକୀୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆଜି ପବିତ୍ର ଅକ୍ଷୟ ତୃତୀୟା । ଏକ ଅପୂର୍ବ ଏବଂ ଧାର୍ମିକ ମହତ୍ତ୍ୱର ଦିନଟିଏ । ବିଷ୍ଣୁଙ୍କ ଷଷ୍ଠ ଅବତାର ପର୍ଶୁରାମଙ୍କ ଜନ୍ମଦିବସ । ବୈଶାଖ ଶୁକ୍ଳପକ୍ଷ ତୃତୀୟା, ଯେଉଁଦିନ ବ୍ୟାସଦେବ ଓ ଶ୍ରୀଗଣେଶ ମହାଭାରତ ଗ୍ରନ୍ଥ ରଚନା ଆରମ୍ଭ କରିଥିଲେ । ଅକ୍ଷୟର ଅର୍ଥ ଯାହା କ୍ଷୟ ଯାଏ ନାହିଁ, ଏପରି ଧାରଣା ଅଛି ଯେ ଆଜିର ଦିନରେ ଆରମ୍ଭ କରାଯାଉଥିବା ସମସ୍ତ କାର୍ଯ୍ୟ ସଫଳ ହୁଏ । ତେଣୁ ବ୍ୟବସାୟୀମାନେ ଆଜି ଦିନରେ ନୂଆ ସୁନାରୂପା ଆଦି ବିକ୍ରୀ କରିଥାନ୍ତି । ଆଜିର ଦିନର ଅଧିପତି ସ୍ୱୟଂ ଶ୍ରୀ ବିଷ୍ଣୁ, ତେଣୁ ଆଜି ସମସ୍ତ ପ୍ରକାର ଶୁଭକର୍ମ ପାଇଁ ବିଶେଷ ଦିନ । ଆଜିର ଦିନରେ ତ୍ରେତୟା ଯୁଗର ଆରମ୍ଭ ହୋଇଥିଲା ଏବଂ ଗଙ୍ଗାନଦୀ ପୃଥିବୀ ପୃଷ୍ଠରେ ଅବତରଣ କରିଥିଲେ । ଆଜି ଦେବୀ ଅନ୍ନପୂର୍ଣ୍ଣାଙ୍କ ଜନ୍ମଦିନ ବୋଲି ମଧ୍ୟ କୁହାଯାଇଛି । ମହାଭାରତରେ ଆଜିର ଦିନରେ ଯୁଧିଷ୍ଠିରଙ୍କୁ ଅକ୍ଷୟପାତ୍ର ମିଳିଥିଲା, ଯାହା ଦ୍ୱାରା ସେ ଗରିବ ମାନଙ୍କୁ ଦାନ ଦେଇପାରିଥିଲେ । ଆଜିର ଦିନରେ ସୁଦାମା ଶ୍ରୀକୃଷ୍ଣଙ୍କୁ ଦେଖାକରିବା ପାଇଁ ଚାଉଳଭଜା ନେଇ ଆସିଥିଲେ । ଆଜିର ଦିନରେ ଦୁଃଶାସନ ଦ୍ରୌପଦୀଙ୍କ ବସ୍ତ୍ରହରଣ କରିବାକୁ ଚେଷ୍ଟା କରିଥିଲେ । ଓଡ଼ିଶାରେ ଆଜିର ଦିନରେ ଭୂମିପୂଜା କରାଯାଏ ଏବଂ ଚାଷକାମ ଆରମ୍ଭ କରାଯାଏ । ଆଜି ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସାମନା ରଥଖଳାରେ ରଥଯାତ୍ରାପାଇଁ ରଥ ନିର୍ମାଣ ଆରମ୍ଭ ହେବ । ଆଜିଠାରୁ ସମଗ୍ର ରାଜ୍ୟରେ ଅଭୂତପୂର୍ବ ଉତ୍ତାପ ଅନୁଭବ ହେବ । ମହାପ୍ରଭୁମାନେ ଚନ୍ଦନ ଲେପି ହୋଇ ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳିବା ପାଇଁ ଯିବେ । ଏବଂ ଅସହ୍ୟ ନିଦାଘ ହେତୁ ଜନମାନସ ଅସ୍ତବ୍ୟସ୍ତ ହୋଇ ପଡ଼ିବ । କିନ୍ତୁ ଏଇ ସମୟରେ ଆହ୍ୱାନର ଉପସ୍ଥିତି ଆମ ମାନସ ପଟକୁ ଆନ୍ଦୋଳିତ କରିବା ସହିତ ଆମକୁ ଅଧିକ ସମୟ ସାହିତ୍ୟ ଚର୍ଚ୍ଚା ସମେତ ସାମାଜିକ ସମସ୍ୟା ମାନଙ୍କ ବିଷୟରେ ଚିନ୍ତା କରିବାର ଖୋରାକ୍ ଯୋଗାଇ ଦେବ ।

ଚଳିତ ସଂସ୍କରଣରେ ମୁଖ୍ୟତଃ ଭାରତୀୟ ସମାଜରେ କ୍ରମବର୍ଦ୍ଧିଷ୍ଣୁ ବଳାତ୍କାର ଘଟଣା ସମ୍ବନ୍ଧରେ ବିଶେଷ ଲେଖାମାନ ଉପସ୍ଥାପନ କରାଯାଇଛି । ପ୍ରବନ୍ଧ ଓ କବିତା ସମେତ ସମାଲୋଚନା ଆଦିର ସମାହାର ଏହି ସଂସ୍କରଣକୁ ଆପଣ ମାନଙ୍କ ମାନସ ରୋମନ୍ଥନ କରିବାହେତୁ ଯଥେଷ୍ଟ ହେବ ବୋଲି ଆମ ଆଶା ।

ଆଜି ଦିନଟିକୁ ଇଂରାଜୀ ବ୍ୟବସ୍ଥାରେ ମଦର୍ସ୍ ଡେ ବା ମା'ଙ୍କ ପାଇଁ ଦିବସ ଭାବରେ ପାଳନ କରାଯାଉଛି । ଅବଶ୍ୟ ଏହା ଏକ ନୂତନ ଅନୁଭୂତି । କାରଣ ବିଦେଶୀ ସଂସ୍କୃତିରେ ମା ପାଇଁ ଦିନଟିଏ ହିଁ ହୋଇଥାଇ ପାରେ ହେଲେ ଆମ ସଂସ୍କୃତିରେ ମା'ର ସ୍ଥାନ ଅନନ୍ୟ । ପୃଥିବୀଠାରୁ ବି ଅଧିକ ଶ୍ରେଷ୍ଠ ମା ବୋଲି କୁହାଯାଇଛି । 'ସ୍ୱର୍ଗାଦପି ଗରୀୟସୀ ଜନନୀ ମା...' । ମା' ମାନଙ୍କୁ ସମ୍ମାନ ଜଣାଇ ଆହ୍ୱାନ କୁ ଟେକି ଦେଉଛି ।

ପ୍ରତ୍ୟେକ ସଂସ୍କରଣ ପରି ଏହି ସଂସ୍କରଣ ମଧ୍ୟ ଆପଣମାନଙ୍କୁ ଆମୋଦିତ କରିବ ବୋଲି ଆଶା କରୁଛି ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣରେ ସମସ୍ତଙ୍କ ସୁଖ, ଶାନ୍ତି ଓ ସୌହାର୍ଦ୍ଦ୍ୟ ପାଇଁ ପ୍ରାର୍ଥନା କରି ଭେଟି ଦେଉଛି ମଇ ୨୦୧୩ ର ଏହି ସଂସ୍କରଣ ।



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ସୂଚୀପତ୍ର


ନାରୀ ସୁରକ୍ଷା ଆଇନ ବନାମ ବାସ୍ତବତା ୫
ବାଲ୍ମୀକି ନାୟକ
ସମ୍ପାଦକଙ୍କ ସମୀକ୍ଷା ଓ ସମାଲୋଚନା ୯
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରଦୂଷଣ ୧୨
ସୁବ୍ରତ କୁମାର ଦାଶ
ପ୍ରେମ - ବନ୍ଧନ ଦୁଇଟି ହୃଦୟର ୧୩
ଜଗନ୍ନାଥ ରାୟ
ବ୍ୟଥିତମନା ପୁରୁଷ ୧୭
ରଶ୍ମୀରଞ୍ଜନ ଦାଶ(ବାପୁ)
ଫେରାଇ ଦେବ କି ମୋତେ ୧୮
ରଞ୍ଜନ କୁମାର ପାଣିଗ୍ରାହୀ
ବଳାତ୍କାର ଘଟଣାମାନଙ୍କ ପାଇଁ ଦାୟୀ କିଏ ? ୧୯
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ସେଇ ବୁଢ଼ା ଲୋକ ଜଣକ ୨୨
ସୁଷମା ତ୍ରିପାଠୀ
ସ୍ମୃତି ତୁମେ ୨୫
ମମତା ପଟ୍ଟନାୟକ
ମୁଁ ଈଶ୍ବରଙ୍କୁ ଡରେ ୨୬
ଉତ୍ତମାଶା ମହାପାତ୍ର
ମା ମନକଥା ୨୭
ସୁନୀଲ ମିଶ୍ର
ବାବୁଭାଇଙ୍କ ନିଜକଥା (୨) ୨୮
ଅରବିନ୍ଦ ଆଚାର୍ଯ୍ୟ
ଖେଳନା ମୋ ପାଇଁ ନାରୀ ୩୫
ରଶ୍ମୀରଞ୍ଜନ କର
ମୋ ଭ୍ରମଣ କାହାଣୀ(ଟରୋଣ୍ଟୋ) ୩୬
ପ୍ରଶାନ୍ତ କୁମାର ଭୂୟାଁ
ବିଶେଷ ସୂଚନା ୪୧





ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଅଷ୍ଟମ ବର୍ଷ, ଚତୁର୍ଥ ସଂଖ୍ୟା
ମଇ ୨୦୧୩

www.aahwaan.com

# ନାରୀ ସୁରକ୍ଷା ଆଇନ ବନାମ ବାସ୍ତବିକତା



ବାଲ୍ମୀକି ନାୟକ

ନାରୀମାନଙ୍କ ସୁରକ୍ଷାକୁ ନେଇ ଆଜିକାଲି ସାରା ଦେଶରେ ହଇଚଇ ସୃଷ୍ଟି ହୋଇଛି | ଗତ ଦୁଇମାସ ଭିତରେ ଦିଲ୍ଲୀରେ ଦୁଇଟି ଗଣଧର୍ଷଣ ଘଟଣାକୁ ଭିତ୍ତିକରି ଜନଆକ୍ରୋଶ ତେଜି ଉଠିଛି | ଅବଶ୍ୟ ଏହି ଘଟଣା କିଛି ନୂଆ ନୁହଁ, ଆଗରୁ ବି ଅନେକ ବିଭତ୍ସକାଣ୍ଡ ଘଟିଛି ଏବଂ ଆଜିବି ଘଟୁଛି | କିନ୍ତୁ ଗଣମାଧମଙ୍କ ତତ୍ପରତା ଯୋଗୁଁ ଏହି ଦୁଇଟି ଘଟଣା ଜନମାନସକୁ ଉତ୍ତେଜିତ କରିପାରିଛି | ବିଭିନ୍ନ ନେତା ଓ ଧର୍ମଗୁରୁଙ୍କ ମନ୍ତବ୍ୟ ଉପରେ ବି ଆଲୋଚନା, ସମାଲୋଚନା ଲାଗି ରହିଛି | ଅର୍ଥାତ୍ ଗଳିରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ଚର୍ଚ୍ଚାର ଅନ୍ତ ନାହିଁ | ସମସ୍ତଙ୍କ ମୁହଁରେ ପ୍ରଶ୍ନ ହିଁ ପ୍ରଶ୍ନ |

୧. ଆମ ଦେଶରେ କଣ ନାରୀମାନେ ସୁରକ୍ଷିତା ?
୨. ଆମ ଦେଶରେ ନାରୀମାନେ ସୁରକ୍ଷିତ ନୁହନ୍ତି କାହିଁକି ?
୩. ଆମ ଦେଶର ଅଧିକାଂଶ ପୁରୁଷ କଣ ଲମ୍ପଟ ?
୪. ଆମ ଦେଶରେ କଣ ପୁରୁଷମାନେ ନାରୀଜାତିକୁ ସମ୍ମାନ ଦେଉନାହାନ୍ତି ?

ଉପରୋକ୍ତ ପ୍ରଶ୍ନ ଗୁଡ଼ିକର ଉତ୍ତର ଖୋଜିବାକୁ ଚାହିଁଲେ, ପ୍ରଥମ ପ୍ରଶ୍ନର ଉତ୍ତର ଅଧିକାଂଶ ଲୋକ କହିବେ - ନାହିଁ | ଦ୍ବିତୀୟ ପ୍ରଶ୍ନର ଉତ୍ତର ପାଇଁ ଅନେକ ପ୍ରକାରର ମତ ପ୍ରକାଶ ପାଇବ | ତୃତୀୟ ପ୍ରଶ୍ନର ଉତ୍ତର ପାଇଁ ସମସ୍ତେ ପରସ୍ପରକୁ ସନ୍ଦେହରେ ଚାହିଁବେ | ଆଉ ଶେଷ ପ୍ରଶ୍ନର ଉତ୍ତରରେ ପ୍ରାୟ ସମସ୍ତେ କହିବେ - ହଁ, ପୁରୁଷମାନେ ନାରୀ ଜାତିକୁ ସମ୍ମାନ ଦେଉଛନ୍ତି |

ବର୍ତ୍ତମାନ ଆମେ ପୁଣି ସେହି ପ୍ରଶ୍ନଗୁଡ଼ିକୁ ଗୋଟି ଗୋଟି କରି ଏକ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବା |

୧. ଆମ ଦେଶରେ କଣ ନାରୀମାନେ ସୁରକ୍ଷିତ ?

ଉତ୍ତର - ହଁ, ବେଶ ସୁରକ୍ଷିତ | ଯଦି ନାରୀ ଅସୁରକ୍ଷିତ ବୋଲି କହିବା ତେବେ ଆମ ଦେଶରେ କିଏ ବା ସୁରକ୍ଷିତ ରହିଛି ବୋଲି ଗ୍ୟାରେଣ୍ଟି ସହିତ କହିବା ? ପୁରୁଷମାନେ କଣ ସୁରକ୍ଷିତ ? ସେମାନେ କଣ ଅପମାନିତ ଓ ନିର୍ଯ୍ୟାତିତ ହୋଇ ମୃତ୍ୟୁବରଣ କରୁନାହାନ୍ତି ? ସମସ୍ତ ପ୍ରକାର ବିପଦସଂକୁଳ କାମ ଯଥା - କଳ କାରଖାନା, ଖଣିମାନଙ୍କରେ କାମ କରିବା, ଯୁଦ୍ଧ ଭୂମିରେ ଲଢ଼େଇ କରିବା ବେଳେ ସୁରକ୍ଷିତ ରହିପାରୁଛନ୍ତି ? ଦୁର୍ଘଟଣା ସବୁଠି ଘଟୁଛି, ବିପଦ ସବୁଠି ରହୁଛି | ଦେଶର ୧୨୦ କୋଟି ଜନସଂଖ୍ୟା ଭିତରେ ଜନଜୀବନ ଅସୁରକ୍ଷିତ ହେବ ହିଁ ହେବ | କେବଳ ଗୋଟିଏ ସତ କଥା ହେଉଛି - ପ୍ରତ୍ୟେକ ସ୍ଥାନରେ, ପ୍ରତ୍ୟେକ ସମୟରେ ସତର୍କତା ଅବଲମ୍ବନ କଲେ ଦୁର୍ଘଟଣାକୁ ସମ୍ପୂର୍ଣ୍ଣ ଏଡ଼ାଇ ଦେଇ ନ ପାରିଲେ ବି କମାଇ ଦିଆଯାଇ ପାରିବ |

୨. ଆମ ଦେଶରେ ନାରୀମାନେ ଅସୁରକ୍ଷିତ କାହିଁକି ?

ଉତ୍ତର - ଏଥିରେ ନାନା ମୁନିଙ୍କ ନାନା ମତ | ଯିଏ ଯାହା ତର୍କ ସଂଗତଭାବେ କହିଲେ ବି ମହିଳା ସପକ୍ଷବାଦୀ(Feminist)ମାନେ ପ୍ରତିବାଦ ହିଁ କରିବେ | ଆମର ଧର୍ମଶାସ୍ତ୍ର କହୁଛି - 'ବାଲ୍ୟେ ପିତୃର୍ବଂଗେ ତିଷ୍ଟେତ, ପାଣି ଗ୍ରାହଷ୍ୟ ଯୌବନେ, ଭର୍ତ୍ତରୀ ପ୍ରେତେ ନ ଭଜେ ସ୍ତ୍ରୀ ସ୍ବତନ୍ତ୍ରତାମ୍' ଅର୍ଥାତ ସ୍ତ୍ରୀ କୌଣସି ବି ଅବସ୍ଥାରେ ସ୍ବତନ୍ତ୍ର ନ ରହୁ | ପିଲାଦିନେ ପିତାଙ୍କ ଅଧୀନରେ, ଯୌବନରେ ପତିଙ୍କ ଅଧୀନରେ ଏବଂ ପତିଙ୍କ ମୃତ୍ୟୁପରେ ସେ ପୁତ୍ରଙ୍କ ଅଧୀନରେ ରହୁ | ଏହି ନିର୍ଦ୍ଦେଶକୁ ଆଜି କେତେଜଣ ମହିଳା ମାନିକରି ଚଳିବେ?



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ସେହିଭଳି ତୁଳସୀ ଦାସ କହିଛନ୍ତି - 'ଢୋଲ, ମୁର୍ଖ, ଶୁଦ୍ର, ପଶୁ, ନାରୀ, ୟେ ସକଲ ହେ ତାଡ଼ନ କେ ଅଧିକାରୀ', ଏହାକୁ ବି ଆଜି କିଏ ମାନିବ? ଆମେ ବି ଏହି ନିର୍ଦ୍ଦେଶକୁ ମାନିବାକୁ ପ୍ରସ୍ତୁତ ନୋହୁଁ | କିନ୍ତୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ ଆଧୁନିକ ଯୁଗରେ ସ୍ୱାଧୀନତା ପାଇବା ନାମରେ ଶାଳୀନତା ହରାଇ ବସୁଥିବା କିଛି ନାରୀମାନଙ୍କ ଯୋଗୁଁ ସମସ୍ତ ନାରୀ ସମାଜ ପାଇଁ ସୁରକ୍ଷାର ପ୍ରଶ୍ନ ଉଠିଛି |

୩. ଆମ ଦେଶର ଅଧିକାଂଶ ପୁରୁଷ କଣ ଲମ୍ପଟ ?

ଉତ୍ତର - ଲମ୍ପଟ ଶବ୍ଦର ଅର୍ଥ କାମୁକ, ଲୋଲୁପ ଓ ଆସକ୍ତ | ତେଣୁ ପ୍ରାକୃତିକ ପ୍ରବୃତ୍ତି ଅନୁସାରେ କାମୁକତା ପ୍ରତ୍ୟେକ ପ୍ରାଣୀ ଦେହରେ ରହିବା ଉଚିତ | ଯାହା ଦେହରେ କାମୁକତା ଆଦୌ ନଥାଏ, ସେ ପ୍ରକୃତିର ଏକ ଅପଙ୍ଗ ବା ବିକୃତ ସୃଷ୍ଟି ବୋଲି କୁହାଯାଏ | ଯାହା ଦେହରେ କାମୁକତା ସାମାନ୍ୟରୁ ଅଧିକ ଥାଏ, କାମନାକୁ ଶାନ୍ତ କରିବା ପାଇଁ ସୁଯୋଗ ମିଳୁନଥାଏ ଏବଂ କାମୁକତାକୁ ସଂଯମ କରିବାରେ ବିଫଳ ହୋଇଯାଏ, ସେ ହିଁ ବିକଳ୍ପ ପନ୍ଥା ଅନୁସରଣ କରିଥାଏ | ସେ ହିଁ ଯୌନ ଅପରାଧ କରିଥାଏ | ତାଙ୍କପାଇଁ ଯେତେ କଡ଼ା କାନୁନ ପ୍ରଣୟନ କଲେ ବି କିଛି ଲାଭ ନାହିଁ | କାରଣ କାନୁନ ତ ଲାଗୁ ହେବ ଅପରାଧ କରିବାପରେ | ଅପରାଧକୁ ରୋକିବା ପାଇଁ କାନୁନ ନାହିଁ |

ଆମ ଦେଶରେ ନାରୀମାନଙ୍କ ସୁରକ୍ଷା ନାମରେ ସାମାଜିକ, ପାରିବାରିକ, ଶାରୀରିକ, ମାନସିକ ଓ ଆର୍ଥିକ ସୁରକ୍ଷା ଦେବାପାଇଁ ୧୫ ଗୋଟି ବିଭିନ୍ନ କାନୁନ ତିଆରି ହୋଇଛି | (ପ୍ରକାଶ ଥାଉ କି ସ୍ୱତନ୍ତ୍ରଭାବେ ପୁରୁଷଙ୍କ ସୁରକ୍ଷା ପାଇଁ ଏଭଳି କୌଣସି କାନୁନ ତିଆରି ହୋଇନାହିଁ) | ତଥାପି ପ୍ରତ୍ୟେକ ସ୍ତରରେ ନାରୀ ନିର୍ଯ୍ୟାତନାର ଖବର ଶୁଣିବାକୁ ମିଳୁଛି | ପରିତାପର ବିଷୟ ହେଉଛି ଯେ ଏହି ସମସ୍ତ କାନୁନ ପ୍ରକୃତରେ ନିର୍ଯ୍ୟାତିତା ନାରୀମାନଙ୍କୁ ଉପଯୁକ୍ତ ସୁରକ୍ଷା ଦେଇ ପାରୁନାହିଁ | କିନ୍ତୁ କେତେକ ସ୍ୱାଧୀନଚେତା, ଉଚ୍ଚମହତ୍ତ୍ୱାକାଂକ୍ଷୀ, ଦାୟିତ୍ୱହୀନା, ଉଚ୍ଛୃଙ୍ଖଳ, ଦୁଶ୍ଚରିତ୍ରା, ନୀଚମନା ଓ ଧୂର୍ତ୍ତ ପ୍ରବୃତ୍ତିର ନାରୀମାନେ କାନୁନ ଗୁଡ଼ିକର ଅପବ୍ୟବହାର କରି ପୁରୁଷମାନଙ୍କୁ ଏବଂ ସ୍ୱାମୀ ଘରର ସଦସ୍ୟମାନଙ୍କୁ ଅତି ସହଜରେ କାଠଗଡ଼ା ଭିତରକୁ ଟାଣି ଆଣି ପାରୁଛନ୍ତି | ଯୁଗ ଯୁଗଧରି ସମାଜରେ ସୁନାମ ଅର୍ଜନ କରିଥିବା ପ୍ରତିଷ୍ଠିତ ପରିବାରର ଲୋକମାନେ ଗୋଟିଏ ନୂଆବୋହୁର ମିଥ୍ୟା ଅଭିଯୋଗ ଫଳରେ ଦୁର୍ନାମ ଅର୍ଜନ କରିପକାଉଛନ୍ତି | ଗଣ ମାଧ୍ୟମ କେବଳ ବୋହୁର କଥାକୁ ଖାଣ୍ଟି ସତ ମଣି ଏଭଳି ଭାବରେ ପ୍ରଚାର କରୁଛନ୍ତି ଯେ ସ୍ୱାମୀ ଓ ତାଙ୍କ ପରିବାରବର୍ଗ ଲଜ୍ଜାରେ ମୁଣ୍ଡଟେକି ଚାଲି ପାରୁନାହାନ୍ତି | କେଶ ବିଚାରଣା ହୋଇ ମିଥ୍ୟାକେଶ ବୋଲି ପ୍ରମାଣିତ ହେବା ବେଳକୁ ସବୁ ଖ୍ୟାତି ମାଟିରେ ମିଶି ଯାଉଛି | ଏଭଳି କ୍ଷେତ୍ରରେ ଆମେ ଲମ୍ପଟ କହିବା କାହାକୁ ?

୪. ଆମ ଦେଶର ପୁରୁଷମାନେ କଣ ସ୍ତ୍ରୀମାନଙ୍କୁ ସମ୍ମାନ ଦେଉନାହାନ୍ତି ?

ଉତ୍ତର - ନିଶ୍ଚୟ ସମ୍ମାନ ଦେଉଛନ୍ତି | କାରଣ ନାରୀସୁରକ୍ଷା ଓ ସମ୍ମାନ ପାଇଁ ୧୫ ଗୋଟି କାନୁନ ତିଆରି କରିଛି କିଏ ? ଏହି ପ୍ରସଙ୍ଗରେ ଆହୁରି କେତୋଟି ସହଜ ପ୍ରଶ୍ନ ମନକୁ ଆସୁଛି |

କ. ଏହି ଆଇନ ଗୁଡ଼ିକ ତିଆରି ହେବା ପୂର୍ବରୁ କଣ ଆମ ଦେଶରେ ନାରୀମାନେ ପୁରୁଷମାନଙ୍କ ଦ୍ୱାରା

ସୁରକ୍ଷିତ ନଥିଲେ ?

ଖ. ଅନେକ ଆଗରୁ ସତୀଦାହ ପ୍ରଥା ଓ ବାଳ ବିବାହକୁ ବନ୍ଦ କରାଯାଇଛି | ବିଧବା ବିବାହକୁ ସମର୍ଥନ ଦିଆଯାଇଛି | ବହୁପତ୍ନୀ ବିବାହକୁ ବି ଅସ୍ବୀକାର କରାଯାଇଛି | ଏଥିରେ ପୁରୁଷମାନଙ୍କ ଭୂମିକା ନଥିଲା କି ?

ଗ. ବର୍ତ୍ତମାନର ମହିଳା ସୁରକ୍ଷା ପାଇଁ ଯୌତୁକ ନିବାରଣ ଓ ଘରୋଇ ହିଂସା ନିବାରଣ ଆଇନ ସବୁ କେଉଁମାନେ ଲାଗୁ କରିଛନ୍ତି? ନାରୀମାନେ ନା ପୁରୁଷମାନେ ?

ଘ. ଘରୋଇ ହିଂସାରେ କଣ କେବଳ ନାରୀମାନେ ହିଁ ପ୍ରପୀଡ଼ିତ ହୁଅନ୍ତି ? ପୁରୁଷମାନେ ବି ପ୍ରତାଡ଼ିତ ହେଉଛନ୍ତି | National Crime Record Bureau(NCRB) ରିପୋର୍ଟ ଅନୁସାରେ ମାନକ ସଂଖ୍ୟା ଦେଖନ୍ତୁ ଆମ ଦେଶରେ ବିବାହିତ ପୁରୁଷ ଓ ବିବାହିତା ସ୍ତ୍ରୀମାନଙ୍କ ଆତ୍ମହତ୍ୟାର ଅନୁପାତ କେତେ ?

୨୦୦୫ ମସିହାରେ ପୁରୁଷ ୫୨୫୮୩ ଏବଂ ସ୍ତ୍ରୀ ୨୮୧୬୯
୨୦୦୬ ମସିହାରେ ପୁରୁଷ ୫୫୫୮୨ ଏବଂ ସ୍ତ୍ରୀ ୨୯୮୯୬
୨୦୦୭ ମସିହାରେ ପୁରୁଷ ୫୭୫୯୩ ଏବଂ ସ୍ତ୍ରୀ ୩୦୦୬୪
ଦ୍ରଷ୍ଟବ୍ୟ - (The Hindu, Bhubaneswar Edition, 17th December 2009, Page 3)

ଅର୍ଥାତ ଦୁଇଗୁଣ ସଂଖ୍ୟକ ବିବାହିତ ପୁରୁଷ ପାରିବାରିକ ପ୍ରତାଡ଼ନା ସହି ନପାରି ପ୍ରତିବର୍ଷ ଆତ୍ମହତ୍ୟା କରୁଛନ୍ତି | ପ୍ରଶ୍ନ ଉଠୁଛି ବେଶୀ ପ୍ରତାଡ଼ିତ ହେଉଛି କିଏ ? ନାରୀ ନା ପୁରୁଷ ?

ଉପରୋକ୍ତ ପ୍ରଶ୍ନ ଗୁଡ଼ିକର ଯଥୋଚିତ ଉତ୍ତର ଖୋଜିବସିଲେ ଜାଣିହେବ ଯେ ଭାରତରେ ଆଇନ ଗୁଡ଼ିକ ତିଆରି ହେବାର ଅନେକ ଆଗରୁ ନାରୀ ସ୍ବାଧୀନତା ଓ ନାରୀର ଅଧିକାର ସମ୍ପର୍କରେ ବ୍ୟାପକ ଭାବେ ଚର୍ଚ୍ଚା ହୋଇଛି ଏବଂ ଅନେକ ଗଠନମୂଳକ କାମ ବି ପୁରୁଷମାନଙ୍କ ଦ୍ବାରା ହିଁ ହୋଇଛି, ଯାହା ନାରୀକୁ ସମାଜରେ ଉଚିତ ସ୍ଥାନ ଓ ସମ୍ମାନ ଦେଇପାରିବ |

ଆଜି କେବଳ ପୁରୁଷ ବିରୋଧୀ ସ୍ଲୋଗାନ ଦେଇ କିମ୍ବା ପୁରୁଷର ମୁଣ୍ଡ ଉପରେ ସବୁ ଦୋଷ ଲଦିଦେଇ ବସିଗଲେ ନାରୀ ସୁରକ୍ଷିତ ହୋଇପାରିବ ନାହିଁ | ଏଥିପାଇଁ ନାରୀର ଭୂମିକା ବି ମହତ୍ତ୍ବପୂର୍ଣ୍ଣ ଓ ସକାରାତ୍ମକ ହେବା ଉଚିତ |

ଅନ୍ୟାନ୍ୟ ସମୃଦ୍ଧ ଦେଶଭଳି ଆମ ଦେଶରେ ବି ଅନେକ ବର୍ଷରୁ ନାରୀ ସ୍ବାଧୀନତାରଅ ସ୍ବାଦ ମିଳିସାରିଲାଣି | ଉଦାହରଣ ସ୍ବରୂପ ପିଲାଟି ବେଳୁ ଝିଅମାନଙ୍କୁ ସହଶିକ୍ଷା ପ୍ରଦାନ କରିବା, ଉଚ୍ଚଶିକ୍ଷା ପ୍ରାପ୍ତିପାଇଁ ଉଦାର ଚିତ୍ତରେ ଯୁବତୀମାନଙ୍କୁ ସ୍କୁଲ୍, କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନ ମାନଙ୍କୁ ପଠାଇବା, ଉଚ୍ଚଶିକ୍ଷାପ୍ରାପ୍ତ ଯୁବତୀମାନଙ୍କୁ ଚାକିରୀ କରିବାପାଇଁ ଦୂର ସହରକୁ ପଠାଇବା ଆଜି ସମସ୍ତେ ସହଜରେ ଗ୍ରହଣ କରୁଛନ୍ତି | ଏପରିକି ନିଜ ପସନ୍ଦରେ ବୟସ୍କା ଯୁବତୀମାନେ ଜାତି ଧର୍ମ ନିର୍ବିଶେଷରେ ଜୀବନସାଥୀ ବାଛିବା ପର୍ଯ୍ୟନ୍ତ ବୈଧାନିକ ସ୍ବାଧୀନତା ମିଳିଛି | ଏହା ସବୁ ନାରୀ ସ୍ବାଧୀନତା ନୁହେଁ ତ ଆଉ କଣ ? ପୁରୁଷ ମାନଙ୍କ ମାନସିକତାରେ ପରିବର୍ତ୍ତନ ଆସିଛି ବୋଲି ତ ଏ ସବୁ ସମ୍ଭବ ହୋଇଛି !

ବର୍ତ୍ତମାନ ଆଉ ଗୋଟିଏ ନୂତନ କାନୁନ ଆସୁଛି, 'ଯୌନ ନିର୍ଯ୍ୟାତନା' ବିରୋଧରେ, ଯେଉଁଥିରେ ପୁରୁଷମାରଣ ଅସ୍ତ୍ର ସବୁ ଭରିରହିଛି | ସେଥିରେ ଅଛି -

ସ୍ତ୍ରୀକୁ ଅଶ୍ଳୀଳ ଦୃଷ୍ଟିରେ ଚାହିଁଲେ ଦୋଷ, ଅଶ୍ଳୀଳ କଥା କହିଲେ ଦୋଷ, ଛୁଇଁ ଦେଲେ ଦୋଷ, ପଛରେ ଚାଲିଲେ ଦୋଷ, ବାକୀ କାମ ର ଦୋଷ ହିଁ ଦୋଷ | ଏଠି ପ୍ରଶ୍ନ ଉଠୁଛି ଯେ ପୁରୁଷ ଚାହାଣୀରେ ଥିବା ଅଶ୍ଳୀଳତାକୁ କିଏ କେଉଁ ଯନ୍ତ୍ରରେ ମାପି କରି କହିପାରିବ ଯେ ପୁରୁଷଟି ସ୍ତ୍ରୀକୁ ଅଶ୍ଳୀଳ ଦୃଷ୍ଟିରେ ଚାହୁଁଥିଲା? ସାକ୍ଷୀନଥାଏ ସ୍ତ୍ରୀ କହିବ ମୋତେ ପୁରୁଷଟି ଅଶ୍ଳୀଳ କଥା କହିଲା | ପୁରୁଷଟି କିପରି ପ୍ରମାଣ କରିବ ଯେ ସେ ଅଶ୍ଳୀଳ କଥା କହିନାହିଁ ? ଆଜିକାଲି ସମସ୍ତେ ପରସ୍ପରକୁ ହାତ ମିଶେଇ ହ୍ୟାଲୋ ହାଏ କହିବା ଏକ ସାମାନ୍ୟ କଥା ହେଲାଣି | ଜଣେ ସ୍ତ୍ରୀଯଦି ଅଭିଯୋଗ କରିବ ଯେ ପୁରୁଷଟି ହାତ ମିଳେଇବା ବେଳେ ଅଶ୍ଳୀଳ ସଂକେତ ଦେଇଥିଲା ତେବେ ବିଚାରା ପୁରୁଷ ତାକୁ ମିଥ୍ୟା ବୋଲି ପ୍ରମାଣିତ କରିବ କିପରି ? ରାସ୍ତାରେ ଯାଉଥିବା ବେଳେ ସ୍ତ୍ରୀଟିଏ ଆଗରେ ଓ ପୁରୁଷଟିଏ ପଛରେ ଯାଉଥିବା ବେଳେ ଯଦି ସ୍ତ୍ରୀଟି ଭୁଲ ବୁଝାମଣା ଯୋଗୁଁ ଅଭିଯୋଗ ଆଣେ ଯେ ସେ ମୋର ପଛରେ ପଡ଼ିଥିଲା, ତେବେ ବି ପୁରୁଷ ନିରୁପାୟ | ପରବର୍ତ୍ତି କାର୍ଯ୍ୟକ୍ରମ ଯେତେଦିନ ଯାଏଁ ଦୁହିଁଙ୍କ ସହମତିରେ ଚାଲୁଥିବ କୌଣସି ସମସ୍ୟା ନାହିଁ | ଯେଉଁ ଦିନ ସ୍ତ୍ରୀର ମନ ବିଗିଡ଼ିଯିବ କିମ୍ବା ଚୋରାପ୍ରେମ ଧରାପଡ଼ିଯିବ, ସ୍ତ୍ରୀ ହୋଇଯିବ (victim) ବା ଦୟାର ପାତ୍ରୀ ଏବଂ ପୁରୁଷ ପାଲଟିଯିବ ଦୋଷୀ |

ଅସଲ କଥା ହେଉଛି - ସ୍ତ୍ରୀ ଯେତେ ଆଧୁନିକା ଓ ପ୍ରଗତିଶୀଳା ହେଉପଛେ, ପ୍ରକୃତି ତା ଶରୀରକୁ ପୁରୁଷର ମନଲୋଭା କରି ଗଢ଼ିଛି | ସ୍ତ୍ରୀ ବି ନିଜକୁ ସଜେଇ ହେଉଛି ପୁରୁଷ ଆଖିକୁ ସୁନ୍ଦର ଦେଖାଯିବାପାଇଁ | ବିପରୀତ ଲିଙ୍ଗପ୍ରତି ରହୁଥିବା ଆକର୍ଷଣ ବା ଆସକ୍ତି ପୁରୁଷକୁ ସବୁବେଳେ ବାଟବଣା କରିବା ଏକ ସାଧାରଣ କଥା | ସ୍ତ୍ରୀମାନେ ଯଦି ଯୁକ୍ତି କରିବେ ଯେ 'ଆମେ ଆଧୁନିକା ନାରୀ ତେଣୁ ଆମେ ଶରୀରକୁ କେତେ ଲୁଚେଇବୁ ଆଉ କେତେ ଦେଖେଇବୁ ସେଇଟା ଆମ ଅଧିକାର, ଷ୍ଟେଜରେ, ଟିଭିରେ ଓ ସିନେମାରେ ଆମେ କେମିତି ନାଚିବୁ ସେଇଟା ଆମର ଅଧିକାର | ପୁରୁଷ ମାନଙ୍କ କର୍ତ୍ତବ୍ୟ ହେଉଛି ସଂଯମ ରକ୍ଷା କରିବା | ଆମର ମନ ହେଲେ ଏକ ବା ଅଧିକ ପୁରୁଷକୁ ଇଙ୍ଗିତ କରି ପାରିବୁ | କିନ୍ତୁ ପୁରୁଷ ସେଭଳି ଅଧିକାର ପାଇବା ଦୋଷାବହ, ଅପରାଧ | '

ଏହି ଦୃଶ୍ୟ ହେଉଛି ଆଜିର ନାରୀମାନଙ୍କର ପରିବର୍ତ୍ତିତ ମାନସିକତା | ସମାଜରେ ଆଜି ବି ଯେଉଁ ଝିଅ ବୋହୁ ଓ ମାଆମାନେ ସାମାଜିକ ସଂସ୍କାର ଓ ନୈତିକତାର ଆଧାର ଅନୁସାରେ ସତର୍କତା ଅବଲମ୍ବନ କରୁଛନ୍ତି, ସେମାନେ ସୁରକ୍ଷିତ ଅଛନ୍ତି | ଦୁର୍ଘଟଣା ଉପରେ କାହାରି ହାତନଥାଏ, ତେଣୁ ଦୁର୍ଘଟଣାବଶତଃ ହିଁ, କନ୍ୟା ଶିଶୁ, ଯୁବତୀ ଓ ସ୍ତ୍ରୀଙ୍କୁ ନିର୍ଯ୍ୟାତନା ଭୋଗ କରିବାକୁ ପଡ଼ିଥାଏ | ଶେଷରେ ଆମେ କହିବୁ ଆମ ସମାଜରେ ଅଧିକାଂଶ ଭଲ ଲୋକ ଅଛନ୍ତି | ଅଳ୍ପ କିଛି ଲୋକ ଅପରାଧ କରୁଛନ୍ତି, ସେଥିପାଇଁ ସେମାନେ ସମାଜରେ ନିନ୍ଦନୀୟ ଓ କାନୁନଦ୍ବାରା ଦଣ୍ଡନୀୟ ହେଉଛନ୍ତି |

# ସମ୍ପାଦକଙ୍କ ସମୀକ୍ଷା ଓ ସମାଲୋଚନା :



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଶ୍ରୀ ବାଲ୍ମୀକି ନାୟକଙ୍କ ଦ୍ୱାରା ଉପସ୍ଥାପିତ "ନାରୀ ସୁରକ୍ଷା ଆଇନ ବନାମ ବାସ୍ତବିକତା"କୁ ପଢ଼ିବାପରେ ବିଷୟର ବାସ୍ତବତାକୁ ଉପଲବ୍ଧିକରି ଜଣେ ସାଧାରଣ ମନୁଷ୍ୟ ଭାବରେ ମୋର ନିଜସ୍ୱମତ ମୁଁ ଏଠାରେ ଉପସ୍ଥାପନ କରୁଛି | ଆହ୍ୱାନ ଇ-ପତ୍ରିକା ପଢୁଥିବା ସମସ୍ତ ପାଠକ ମାନଙ୍କ ମନରେ ବି ଏହି ବିଷୟ ସବୁକୁ ନେଇ ଅନେକ ପ୍ରଶ୍ନ ଆନ୍ଦୋଳିତ ହୋଇଥାଇପାରେ, ମୁଁ ଭାବୁଛି ଏହି ସମୀକ୍ଷା ପଢ଼ିବାପରେ ଅନେକ ବନ୍ଧୁ ନିଜ ମତାମତ ଆମ ସହ ବାଣ୍ଟି ପାରିବେ | ଏଥିପାଇଁ ଆପଣ ନିଜସ୍ୱ ମତାମତ ଆମ ଇ-ମେଲ୍ ଠିକଣା ( aah-waan@gmail.com ) ରେ ପଠାଇ ପାରିବେ |

ଆପଣଙ୍କ ଉପରୋକ୍ତ ଆଲେଖ୍ୟକୁ ସମ୍ପୂର୍ଣ୍ଣ ଭାବରେ ପଢ଼ିବାପରେ ମୋତେ ଯାହା ଅନୁଭବ ହେଲା ତାହାକୁ କିଛି ଶବ୍ଦ ଦେବାର ଧୃଷ୍ଟତା କରୁଛି | ଆଶା କରୁଛି, ଏହାକୁ ଆପଣ ଅନ୍ୟ ଅର୍ଥରେ ନେବେ ନାହିଁ କିମ୍ବା ଏହା ପରେ ଆପଣଙ୍କ ଓଡ଼ିଆ ସାହିତ୍ୟ ପ୍ରତି ଥିବା ଅନୁରାଗ ଓ ଆହ୍ୱାନ ଇ-ପତ୍ରିକା ସହ ଥିବା ଆପଣଙ୍କ ସମ୍ପର୍କରେ କୌଣସି ପ୍ରଭାବ ପଡ଼ିବ ନାହିଁ |

ଆପଣଙ୍କ ଲେଖାଟି ଅତ୍ୟନ୍ତ ସୂଚନାପ୍ରଦ ହୋଇଛି ସତ, ହେଲେ କିଛି କିଛି ସ୍ଥାନରେ ସାମାନ୍ୟ ପରିବର୍ତ୍ତନର ଆଶା ରହୁଛି | ସେ ଯା'ହେଉ ଲେଖାଟି ପଢ଼ିବାପରେ ମୋର ଯାହା ମନେ ହେଉଛି, ଆପଣ ଭାରତୀୟ ସମାଜ ଅନୁକୂଳ ଲେଖାଟିଏ ଲେଖିଛନ୍ତି | ଯୁଗ ଯୁଗରୁ ଭାରତୀୟ ସମାଜ ପୁରୁଷ ପ୍ରାଧାନ୍ୟ ସମାଜ ରହି ଆସିଛି, ଏଠାରେ କୌଣସି ଯୁଗରେ ବି ନାରୀର ପ୍ରାଧାନ୍ୟକୁ ସମ୍ମାନ ଦିଆଯାଇନାହିଁ | ନାରୀକୁ ସମକକ୍ଷ କହୁଥିବା ଲୋକମାନେ ନିଜ ପରିବାରର ସ୍ତ୍ରୀଲୋକ ମାନଙ୍କୁ ଦିନର ଖରାରେ ନିଜ ଘରୁ ବାହାରକୁ ଯିବାକୁ ଦିଅନ୍ତିନାହିଁ | ନାରୀକୁ ନିଜ ଅଧୀନରେ ରଖିବା ହିଁ ପ୍ରକୃତ ପୁରୁଷତ୍ୱ ବୋଲି ଅନେକ ମନେ କରନ୍ତି | ସେହି କାରଣରୁ ନାରୀପ୍ରତି ଅନେକ ଅପରାଧ ସଂଘଟିତ ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ | ବଳାତ୍କାର ହେଉଛି ଏକ ଘୃଣ୍ୟମାନସିକତା | ବଳାତ୍କାର କରୁଥିବା ବ୍ୟକ୍ତି ଯେ କେବଳ ଯୌନ ସଂଭୋଗପାଇଁ ଏପରି କରେ କହିଲେ ତାହା ସଠିକ ହେବ ନାହିଁ | ଯଦି କେବଳ ଯୌନ ସଂଭୋଗ ହିଁ ଏହାର କାରଣ ହୋଇଥାନ୍ତା ତା ହେଲେ ଅପରାଧୀ ଅର୍ଥ ବିନିମୟରେ ବି ଯୌନଲାଳସା ମେଣ୍ଟାଇ ପାରନ୍ତା | କିନ୍ତୁ ସ୍ତ୍ରୀ / ନାରୀକୁ ନିଜ ଅଧୀନରେ ରଖିବା ଏବଂ ତାକୁ ନିର୍ଯ୍ୟାତନା ଦେଇପାରିବା ଭଳି କୁତ୍ସିତ ଚିନ୍ତାଧାରା ହିଁ ବଳାତ୍କାର ପରି ଘଟଣାର ମୁଖ୍ୟ କାରଣ ବୋଲି ମନସ୍ତତ୍ତ୍ୱବିଦ ମାନେ ମତ ଦେଇଛନ୍ତି |

ଦୁର୍ଘଟଣା ତାହା ଯାହା ଅଜାଣତରେ ଘଟେ, କିମ୍ବା ଅସାବଧାନତା ଯୋଗୁଁ ଘଟେ | ଆପଣ ରାସ୍ତାରେ ଯାଉଥିବା ସମୟରେ ବାହନରୁ ପଡ଼ିଯିବା ଗୋଟିଏ ଦୁର୍ଘଟଣା ହୋଇପାରେ, କିନ୍ତୁ ଆପଣ ରାସ୍ତାରେ ଏକା ଯାଉଥିବା ସମୟରେ ଆପଣଙ୍କୁ ଖଣ୍ଡା ଓ ଭୁଜାଲି ଦେଖାଇ ଆପଣଙ୍କ ଧନ, ସୁନା, ମୋବାଇଲ୍ ଆଦି ଛଡ଼ାଇ ନେବାଟା ଦୁର୍ଘଟଣା ନୁହଁ, ଏହା ଏକ ଅପରାଧ | ଠିକ୍ ସେମିତି ବଳାତ୍କାର ଅଜାଣତରେ ହୁଏ ନାହିଁ | ଦୁର୍ବଳ ମସ୍ତିଷ୍କ ଓ କୁତ୍ସିତ ଚିନ୍ତାଧାରାର ଜଣେ ବ୍ୟକ୍ତି ଅନେକ ପ୍ରକାର ଯୋଜନା କରିବାପରେ ଏହିପରି କାଣ୍ଡ କରିଥାଏ, ତେଣୁ ଏହାକୁ ଦୁର୍ଘଟଣା ବୋଲି କହିବା ଅନ୍ତତଃ ମୋ ମତରେ ମୂର୍ଖତା ଛଡ଼ା ଆଉ କିଛି ନୁହେଁ |

ଯେମିତି ଆପଣ ନିଜ ବାହାନରୁ ପଡ଼ିଗଲେ



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଏହାକୁ ଦୁର୍ଘଟଣା ବୋଲି ଭାବିବେ ଏବଂ କାହାକୁ ଦୋଷ ଦେବେ ନାହିଁ। କିନ୍ତୁ ଯଦି ମଦ୍ୟପାନ କରି ଆଉ କେହି ବ୍ୟକ୍ତି ଆସି ଆପଣଙ୍କ ବାହାନକୁ ଧକ୍କାଦିଏ ତେବେ କଣ ଆପଣ ଏହା ଦୁର୍ଘଟଣା ବୋଲି ବିବେଚନା କରି ଭୁଲିଯିବେ ? ହୁଏତ ଭୁଲି ଯାଇପାରନ୍ତି, କାରଣ ଆପଣଙ୍କ ଶରୀରରେ ହୋଇଥିବା ଆଘାତ ସମ୍ଭବତଃ କିଛି ଦିନରେ ଭଲ ହୋଇଯିବ। କିନ୍ତୁ ବଳାତ୍କାରର ଶୀକାର ହୋଇଥିବା ମହିଳାର ମନରେ ଯେଉଁ ଆଘାତ ହେଇଥିବ ତାହା ଅନେକ ଦିନ ପର୍ଯ୍ୟନ୍ତ ତାକୁ ଶାନ୍ତିରେ ବସେଇ ଦେଇ ନଥିବ ଏବଂ ସେ ମରିବାପର୍ଯ୍ୟନ୍ତ ତା ମନରୁ ଲିଭିବ ନାହିଁ।

ଆପଣଙ୍କ ଆଲେଖ୍ୟରେ ଆପଣ ଚାରୋଟି ପ୍ରଶ୍ନ ପଚାରିଛନ୍ତି ଏବଂ ନିଜେ ସେ ସବୁର ଉତ୍ତର ଦେବାପାଇଁ ଚେଷ୍ଟା କରୁଛନ୍ତି। ମୁଁ ମଧ୍ୟ ସେହି ଚାରୋଟି ପ୍ରଶ୍ନକୁ ପୁଣିଥରେ ଏଠାରେ ଉପସ୍ଥାପନ କରିବାକୁ ଚାହୁଁଛି।

୧. ଆମ ଦେଶରେ କଣ ନାରୀମାନେ ସୁରକ୍ଷିତା ?

ଆପଣ ମତ ଦେଉଛନ୍ତି ଯେ ଉଭୟ ପୁରୁଷ ଓ ସ୍ତ୍ରୀ ଅସୁରକ୍ଷିତ। ଏହା ନିରାଟ ସତ୍ୟ କଥା, କିନ୍ତୁ କହିପାରିବେ କି, ଏକାନ୍ତରେ ଯେତେବେଳେ ଜଣେ ପୁରୁଷ ବାହାନରେ ବସି ସହର ବଜାର ବୁଲି ଆସିପାରୁଛନ୍ତି, ଜଣେ ମହିଳା ଠିକ୍ ସେମିତି କରିପାରିବ ? ଏକା ଥିବାବେଳେ କେହି ଜଣେ ପୁରୁଷକୁ ଯୌନ ନିର୍ଯାତନା ଦେବାପାଇଁ ଆଗଭର ହେବ କି ? ବସ ଭିତରେ ହେଉ, ବଜାର ଗଳିରେ ହେଉ, କିମ୍ବା କର୍ମକ୍ଷେତ୍ରରେ ହେଉ, ସବୁବେଳେ ନିଜ ଅନିଚ୍ଛାରେ କେହି ଜଣେ ପୁରୁଷ ଦେହରେ ହାତ ମାରିବାକୁ ଚେଷ୍ଟା କରୁଥିବ କି ? ବିନା କାରଣରେ କେହି ଜଣେ ପୁରୁଷ କର୍ମଚାରୀଙ୍କୁ ନିଜ କ୍ୟାବିନକୁ ଡକାଇ ଅଫିସ ସମୟ ପରେ ବି ଯିବାକୁ ନ ଦେଇ ଧର୍ଷଣ କରିବାକୁ ଚେଷ୍ଟା କରୁଥିବ କି ? ତା'ହେଲେ ପୁରୁଷ ଆଉ ସ୍ତ୍ରୀ ଉଭୟ ସମାନ ହେଲେ କେତେବେଳେ।

୨. ଆମ ଦେଶରେ ନାରୀମାନେ ସୁରକ୍ଷିତ ନୁହନ୍ତି କାହିଁକି ?

ନାନା ମୁନୀଙ୍କ ନାନା ମତ। ଠିକ୍ କଥା, କିନ୍ତୁ ଆପଣଙ୍କ ମତ କଣ ? ଧର୍ମଶାସ୍ତ୍ର ଓ ତୁଳସୀ ଦାସଙ୍କ କଥାକୁ ଉଦ୍ଧୃତ କରି ଆପଣ ଦେଇଥିବା ମନ୍ତବ୍ୟ ନିଶ୍ଚୟ ଭାବରେ ଅତ୍ୟନ୍ତ ଦୁଃଖଦାୟକ। ନାରୀକୁ ସବୁବେଳେ ନିଜ ଅଧୀନରେ ରଖିବାର ମାନସିକତା ହିଁ ନାରୀ ପ୍ରତି ହେଉଥିବା ନିର୍ଯ୍ୟାତନାର ମୁଖ୍ୟ କାରଣ ବୋଲି ମୁଁ ଭାବେ। ଧର୍ମଶାସ୍ତ୍ର ଓ ସନ୍ଥମାନଙ୍କ ଉଦାହରଣ ଦେଇ ହିଁ କିଛି ପୁରୁଷ ନାରୀମାନଙ୍କ ସଶକ୍ତିକରଣକୁ ବିରୋଧ କରି ଆସୁଛନ୍ତି। ଭଗବାନ ଉଭୟ ପୁରୁଷ ଓ ସ୍ତ୍ରୀକୁ ଏକାଭଳି ଗଢ଼ିଛନ୍ତି ତା ହେଲେ ଏପରି ଭେଦଭାବ କାହିଁକି ?

ଆପଣଙ୍କ ମତରେ ଶାଳୀନତା ହରାଇଥିବା କିଛି ନାରୀଙ୍କ ପାଇଁ ସମଗ୍ର ନାରୀଜାତିକୁ ସୁରକ୍ଷାର ପ୍ରଶ୍ନ ଉଠୁଛି। ନା, ଏହା ଭୁଲ। ପୁରୁଷତ୍ୱର ନିଦର୍ଶନ ଦେଖାଇବାପାଇଁ ନାରୀମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନାର ରୋକଥାମ ପାଇଁ ହିଁ ନାରୀ ସୁରକ୍ଷା ଆଇନ କରାଯାଇଛି।

୩. ଆମ ଦେଶର ଅଧିକାଂଶ ପୁରୁଷ କଣ ଲମ୍ପଟ ?

ପୁରୁଷମାନେ ବୋଲି କହିବା ଉଚିତ ହେବ ନାହିଁ, କାରଣ ସବୁ ପୁରୁଷ ବଳାତ୍କାର କରନ୍ତି ନାହିଁ। ଅବଶ୍ୟ ଯେଉଁମାନେ କରନ୍ତି ସେମାନଙ୍କୁ ଲମ୍ପଟ କହିବା। କିନ୍ତୁ

ମୁଁ ଯେମିତି ପୂର୍ବରୁ ହିଁ କହି ଆସୁଛି, ଯେ ବଳାତ୍କାର କରୁଥିବା ପୁରୁଷ ଯୌନଲାଳସା ପାଇଁ ବଳାତ୍କାର କରନ୍ତି ନାହିଁ, ତେଣୁ ଜଣେ ଲମ୍ପଟ ବା କାମୁକ ଥିଲେ ସେ ବଳାତ୍କାର କରିବ ବୋଲି ସେମିତି କିଛି ଧରାବନ୍ଧା ନୀତି ନାହିଁ । ପ୍ରତ୍ୟେକ ପୁରୁଷ ଓ ନାରୀ ମଧ୍ୟରେ କାମଲାଳସା ଥାଏ । ତେବେ ସ୍ତ୍ରୀଟିଏ କାହିଁକି ପୁରୁଷର ବଳାତ୍କାର କରେ ନାହିଁ ? ସମ୍ଭବତଃ ସଂଯମତା ଏହାର ଏକ ପ୍ରମୁଖ କାରଣ ହୋଇପାରେ ।

୪. ଆମ ଦେଶରେ କଣ ପୁରୁଷମାନେ ନାରୀଜାତିକୁ ସମ୍ମାନ ଦେଉନାହାନ୍ତି ?

ନିଶ୍ଚୟ ଭାବରେ ପୁରୁଷମାନେ ନାରୀଜାତିକୁ ସମ୍ମାନ ଦିଅନ୍ତି । ସମାଜରେ ପୁରୁଷ ଓ ସ୍ତ୍ରୀ ଉଭୟ ପରସ୍ପରର ପରିପୁରକ, ତେଣୁ ପରସ୍ପର ପ୍ରତି ସ୍ନେହ ସମ୍ମାନ ରହିବା ଅନିବାର୍ଯ୍ୟ ।

ଆପଣ ଅନେକ ଉଦାହରଣ ଦେଇଛନ୍ତି, କେମିତି ନାରୀ ମାନଙ୍କ ଉତ୍‌ଥାନରେ ପୁରୁଷଙ୍କ ହାତ ରହିଛି ବୋଲି ଦର୍ଶାଇଛନ୍ତି । ଏହାର କାରଣ ମଧ୍ୟ ମୁଁ ଉପରେ ଦେଇସାରିଛି । ଯଦି ଉଭୟ ସ୍ତ୍ରୀ ଓ ପୁରୁଷ ସମକକ୍ଷ ହୋଇଥାନ୍ତେ ତେବେ ଆଜି ସମାଜରେ ଯେମିତି ନାରୀନିର୍ଯ୍ୟାତନା ହେଉଛି ସେମିତି ପୁରୁଷ ମାନଙ୍କ ସହ ବି ହେଉଥାନ୍ତା, କିନ୍ତୁ ହେଉନାହିଁ, ଏହାର କାରଣ ହେଉଛି ବିବର୍ତ୍ତନବାଦରେ ଦିନକୁ ଦିନ ପୁରୁଷକୁ ଅଧିକ ସକ୍ଷମ ଓ ବଳଶାଳୀ କରିବା ସହିତ ନାରୀକୁ କୋମଳା ଓ ଦୁର୍ବଳା କରି ଗଢ଼ିଛି । ତେଣୁ ସେମାନଙ୍କୁ ସାହାଯ୍ୟ କରିବା ପୁରୁଷର ନୈତିକ ଦାୟିତ୍ୱ । କିନ୍ତୁ ସାହାଯ୍ୟକୁ ଯଦି ଆମେ ସହାନୁଭୂତି ବା ଦୟା ବୋଲି ଚିନ୍ତା କରିବା ତା'ହେଲେ ଏହା ଉଚିତ ହେବ ନାହିଁ ।

ସର୍ବୋପରି ଆପଣଙ୍କ ଆଲେଖ୍ୟରେ ଥିବା ସମସ୍ତ ତଥ୍ୟ ଯଦିଓ ସଠିକ କିନ୍ତୁ ଏହା ସମ୍ପୂର୍ଣ୍ଣତଃ ଏକ ପୁରୁଷ ମନସ୍ତତ୍ତ୍ୱ ଦୃଷ୍ଟିରୁ ଲେଖା ହୋଇଥିବା ପରି ମନେ ହେଉଛି । ପୁଣିଥରେ ଚିନ୍ତା କରି ଦେଖିବା ସମୟ ଆସିଛି ।

ଧନ୍ୟବାଦ


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ପ୍ରଦୂଷଣ



ସୁବ୍ରତ କୁମାର ଦାଶ

ପ୍ରଦୂଷଣ,
ପୃଥିବୀ ପାଇଁ ଆଉ ଏକ ଯମ |
ପୃଥିବୀରେ ଯେତେ ଧ୍ବଂସର କାରଣ
ସମସ୍ତଙ୍କୁ ସେ ଦିଏ ଜନ୍ମ |

ବାୟୁମଣ୍ଡଳର ଷ୍ଟ୍ରାଟୋସ୍ଫିୟର
ତହିଁରେ ରହିଛି ଓଜୋନ୍ ଲେୟର୍
ପୃଥିବୀରେ ଅଟେ ରକ୍ଷକ
ପ୍ରଦୂଷଣ ତା ପାଇଁ ସାଜିଛି ଘାତକ |

ଶ୍ବାସ, କାଶ, ଯକ୍ଷ୍ମା ଆଦି ଯେତେ ରୋଗ ଅଛି
ସବୁକୁ ସିଏ ସୃଷ୍ଟି କରୁଛି
ହଇଜା ଭଳି ରୋଗ ବ୍ୟାପୁଛି
ଚର୍ମକର୍କଟ ଭଳି ରୋଗ ହେଉଛି |

ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ
ମାଟି ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ
ପ୍ରଦୂଷଣ ଘର ଚାରି ସନ୍ତାନ
ଧ୍ବଂସ ରଚନ୍ତି, ନାଶନ୍ତି ପ୍ରାଣ |

କାରଖାନାରୁ ବାହାରେ ଧୂଆଁ
ଜମିରେ ପଡୁଛି ସାର ପିଡ଼ିଆ
ନଦୀରେ ମିଶୁଛି ନର୍ଦ୍ଦମା ପାଣି
ଡାକବାଜି ଯନ୍ତ୍ର କରୁଛି ଧ୍ବନୀ |

ଜାଣିଶୁଣି ଆମେ ମୂକ ବଧିର
କରୁନାହୁଁ ଆମେ ତା ପ୍ରତିକାର
ଅର୍ଥର ଲାଳସା ରହିଛି ମନେ
ଧ୍ବଂସର କାହାଣୀ ବାଜୁଛି କାନେ |

ବେଳ ଥାଉ ଥାଉ ହେବା ଜାଗ୍ରତ
କରିବା ପୃଥିବୀ ପ୍ରଦୂଷଣ ମୁକ୍ତ |



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ପ୍ରେମ - "ବନ୍ଧନ ଦୁଇଟି ହୃଦୟର"



ଜଗନ୍ନାଥ ରାୟ

ପ୍ରେମ".. ଛୋଟିଆ ଶବ୍ଦ ଟିଏ , ମାତ୍ର ଅଢେଇ ଅକ୍ଷର | କିନ୍ତୁ ଏଇ ଅଢେଇ ଅକ୍ଷର ଭିତରେ ଲୁଚି ରହିଛି ଏ ଦୁନିଆ ର ପ୍ରତିଟି ହୃଦୟ| ଯାହାକୁ ଏ ସମାଜ, ଏ ଦୁନିଆ, ଏ ସୃଷ୍ଟି ପ୍ରେମ ବୋଲି କୁହେ | ସ୍ନେହ ମମତା ର ଗନ୍ତାଘର ପବିତ୍ର ବନ୍ଧନ, ଯାହାର ନାଁ ପ୍ରେମ | ଦୁଇଟି ମନ ଦୁଇଟି ପ୍ରାଣ, ଦୁଇଟି ହୃଦୟ ର ବନ୍ଧନ ଏଇ ପ୍ରେମ | ଭଲ ପାଇବା ର ପ୍ରତୀକ ଏଇ ପ୍ରେମ | ପ୍ରେମ ଏମିତି ଏକ ବସ୍ତୁ, ଯାହାକୁ ଦେଖି ହୁଏ ନାଁହି କି ଛୁଇଁ ହୁଏ ନାଁହି ,କେବଳ ଅନୁଭବ ଉପୋଭୋଗ କରିହୁଏ | ପ୍ରେମ ଏକ ଅନନ୍ତ ଅସୀମ ଉର୍ମି ର ସାଗର ,ଯାହାର ଆଦି ନାଁହି କି ଅନ୍ତ ନାଁହି | ପ୍ରେମ ଏମିତି ଏକ ଶକ୍ତି, ଯାହାର କଳ୍ପନା ମଧ୍ୟ କରି ହୁଏ ନାଁହି | କେଉଁ ଅନାଦି ଅନନ୍ତ କାଳରୁ ଏ ପ୍ରେମ ର ସୃଷ୍ଟି | ଯୁଗ ପରେ ଯୁଗ ବିତି ଚାଲିଛି ,ସତ୍ୟଯୁଗ ରୁ ଆଜି ପର୍ଯ୍ୟନ୍ତ କିନ୍ତୁ ପ୍ରେମ ର ଅନ୍ତ ମଧ୍ୟ ହୋଇନି| ଏ ସୁନ୍ଦରମୟ ଭଗବାନଙ୍କ ସୃଷ୍ଟିରେ ପ୍ରେମ ହୋଇ ଯାଇଛି ଚିର ଅନନ୍ତ ଓ ଶାଶ୍ବତ|

ସତରେ, ପ୍ରେମ ବିନା' ଏ ଜୀବନ ମୂଲ୍ୟ ହୀନ | ଯେଉଁଠି ପରସ୍ପର ମଧ୍ୟରେ ,ସ୍ନେହ ପ୍ରେମ ମମତା ଭଲ ପାଇବା ନାଁହି,ପରସ୍ପର ପ୍ରତି ଆଦର ଅନୁରାଗ ଜନିତ ପ୍ରେମ ନାଁହି,ସେଠି ମଣିଷ ଜୀବନ ନେଇ ବଞ୍ଚିବାର ମଧ୍ୟ ଆବଶ୍ୟକତା ନାଁହି | ଏ ପ୍ରେମ ଭଲପାଇବା କହିଲେ ସମସ୍ତେ ପ୍ରାୟ ପ୍ରେମିକା ପ୍ରେମିକ ମାନଙ୍କୁ ହିଁ ବୁଝନ୍ତି, କିନ୍ତୁ ଏଇ ପ୍ରେମ ଭିତରେ ରହିଛି ମା' ର ବାତ୍ସଲ୍ୟ ମମତା,ଭଉଣୀ ର ସ୍ନେହ ,ପରିବାର ର ଆଦର ଆଉ ଭଲପାଇବା |

ସେଦିନ ଦ୍ବାପରର ପ୍ରଭାସ ଯଜ୍ଞ ରେ ମା' ର କରୁଣ ଡାକ ଶୁଣି ଯଜ୍ଞମଣ୍ଡପ ଛାଡି ଧାଇଁ ଆସିଥିଲେ, ଦ୍ବାରିକାଧୀସ୍ ଲୀଳାମୟ ଶ୍ରୀକୃଷ୍ଣ | ଆଉ ଲୋଟି ପଡିଥିଲେ ମା' ଯଶୋଦାଙ୍କ କୋଳରେ | ସେଦିନ ମଧ୍ୟ ମା' ଯଶୋଦାଙ୍କ ବକ୍ଷରୁ ଝରି ପଡିଥିଲା ତାଙ୍କର ସେ କଳାକାହ୍ନୁ ପାଇଁ ଅମୃତର ଧାର | ଆଜି କଣ' ଅଛି ସେଇ ପ୍ରେମ ! ଅଛି ସେଇ ଭଲ ପାଇବା ..!! ଦଶମାସ ଦଶଦିନ ଗର୍ଭରେ ରଖି ମା'ଟିଏ ଦେଇଥାଏ ସନ୍ତାନ, ଛୋଟରୁ ବଡ ହେବା ଯାଏଁ ସନ୍ତାନର ସବୁ ଅଳି ଅର୍ଦ୍ଦଳିକୁ ନିଜର ମମତା ଭରା ପଣତକାନିରେ ସାଁଉଟି ନେଇଥାଏ | ସେ ନିଜେ ଉପାସ ରହି ନିଜ ସନ୍ତାନର ଭଲ ମନ୍ଦ ଦେଖିଥାଏ | ଖୁଆଇ ପିଆଇ ସୁସ୍ଥ କରି ଭଲ ମଣିଷଟିଏ କରାଏ, କିନ୍ତୁ ବଡ଼ ହୋଇ ଭଲ ମଣିଷଟିଏ ହୋଇ ,ଯେତେବେଳେ ସେ ସନ୍ତାନ ନିଜ ପାଦରେ ନିଜେ ଚାଲି ଶିଖୁଛି କଣ୍' ସେ କେବେ ଥରୁଟିଏ ଭାବିଛି , ଯେ ମୋତେ ଏଡିକି ଟି ରୁ ଏଡଟେ କରିଛି ଯେ, ସେ କେମିତି ଅଛି | ମୁଁ କହୁନି ଯେ'..ଏ ଦୁନିଆର ସମସ୍ତ ସନ୍ତାନମାନଙ୍କୁ | କିଛି ସନ୍ତାନମାନେ, ଯେଉଁମାନେ ଏ ମିଛ ମାୟା ସଂସାରରେ ଭୁଲି ଯାଇଛନ୍ତି ସବୁ କିଛି | ମାୟା ମୋହରେ ବାନ୍ଧି ହୋଇ ପଡିଛନ୍ତି ସେମାନେ | କାଁହି ଗଲା ସେ ,କୃଷ୍ଣ ଯଶୋଦା ମାତାଙ୍କ ସ୍ନେହ-ପ୍ରେମ-ମମତା ଆଉ ଭଲପାଇବା ! କଣ', ଅଛି ସେଇ ପ୍ରେମ..!! ଅଛି ସେଇ ଭଲପାଇବା ! ଦେଇପାରିବ କିଏ ମୋପ୍ରଶ୍ନର ଉତ୍ତର.. କହିପାରିବ କିଏ ?

ଖାଲି ଏତିକି ନୁହେଁ | ଏ ବିଶାଳ ଦୁନିଆ ରେ ପ୍ରେମର ଆହୁରି ମଧ୍ୟ ଉଦାହରଣ ମାନ ରହିଛି | ପରସ୍ପର ପ୍ରତି ପରସ୍ପରର ଅନୁରକ୍ତି ମଧ୍ୟ ପ୍ରେମ ଉଦ୍ଭବ ହୁଏ | ପ୍ରେମ ପବିତ୍ର, ପ୍ରେମ ସଂଜ୍ଞା ହୀନ | ଏହି ପ୍ରେମ କେତେକ ସ୍ଥଳେ ସୁଖ ଶାନ୍ତି ଆଉ ଆନନ୍ଦ ଦାୟକ ତ, କେତେକ ସ୍ଥଳେ ଯନ୍ତ୍ରଣା ଦାୟକ ତ' ଆଉ କେତେକ ସ୍ଥଳେ ଦୁଖ ଓ କଷ୍ଟ ଦାୟକ | ତଥାପି ସେ ସବୁକୁ ଖାତିରି ନ ଥାଏ |

ଦେଖିବାକୁ ଗଲେ କେଦାର ଗୌରୀଙ୍କ ପ୍ରେମ ଥିଲା ଅବର୍ଣ୍ଣନୀୟ | ଦୁଁହେ ଦୁହିଁଙ୍କ ପାଇଁ ନିଜ ଜୀବନକୁ ପ୍ରେମ ନିକଟରେ ବଳି ପକାଇ ଦେଇଥିଲେ | କେଦାର ଗୌରୀର ରକ୍ତ ଭିଜା ଶାଢୀ କାନୀକୁ ଆତ୍ମା ହୁତି ଦେଇଥିଲା ବେଳେ ,ଗୌରୀ କେଦାରର ମୃତ ଦେହକୁ ଦେଖି ପ୍ରାଣ ବିସର୍ଜନ କରିଥିଲେ | ଏହି ପ୍ରେମରେ ସ୍ୱଂୟ ଭଗବନ ମଧ୍ୟ ବାଦ ପଡିନଥିଲେ | ଏହି ପ୍ରେମରେ ସ୍ୱଂୟ ବ୍ରହ୍ମାଙ୍କ ଆସନ ମଧ୍ୟ ଟଳମଳ ହୋଇ ଯାଇଥିଲା | ସେ ପଡିଥିଲେ ତିଳୋତ୍ତମାଙ୍କ ପ୍ରେମରେ | ଦ୍ବାପରରେ ରାଧା ପଡିଥିଲେ ମୂରଲୀ ଧାରି କଳାକାହ୍ନୁ କୃଷ୍ଣଙ୍କ ପ୍ରେମରେ | ଶ୍ରୀ କୃଷ୍ଣଙ୍କ ମନହୋର ମୂରଲୀ ବଂଶୀର ସୁମଧୂର ସ୍ବର ରାଧାଙ୍କୁ ବିମୋହିତ କରିଥିଲା କୃଷ୍ଣଙ୍କ ପ୍ରେମ ପ୍ରତି | ଏଇଠୁ ଜଣାପଡେ ଯେ ପ୍ରେମ କେମିତିକା ବସ୍ତୁ | "ଦୁଇଟି ଆତ୍ମାର ଗୋଟିଏ ବନ୍ଧନ" | ଆଉ ଏଇ ପବିତ୍ର ବନ୍ଧନ ଭିତରେ ଥରେ ଯିଏ ପଶିଯାଏ ତାର ଶକ୍ତ ଜାଲରେ ଛନ୍ଦି ହୋଇ , ଭୁଲିଯାଏ ତାର ସବୁ ଦୁଖ ଯନ୍ତ୍ରଣା କୁ ତାର ଅତୀତ ବର୍ତ୍ତମାନ ଆଉ ଭବିଷ୍ୟତକୁ | ଏମିତି ଏକ ବସ୍ତୁ ଏଇ ପ୍ରେମ ,ଯାହାକୁ ଚାତକ ପରି ଚାଁହି ରହିଥାନ୍ତି ସମସ୍ତେ | ସୁଯୋଗ ଆସୁ ଆସୁ ଆପେ ଆପେ ଯାଇଁ ଧରା ଦିଅନ୍ତି ତା ନିକଟରେ, ଆଉ ଆତ୍ମସମର୍ପଣ କରି ନିଅନ୍ତି ତାପାଖରେ ,ଭୁଲି ଯାନ୍ତି ସବୁକିଛି ଆଉ ଭିଜି ଯାଆନ୍ତି ସେ ପ୍ରେମର ଦୁନିଆରେ, ସେ ଶାସ୍ବତ ପବିତ୍ର ବନ୍ଧନ ରେ |

ଏଇ ପ୍ରେମ ଜଗତରେ କାହାର ବା ଇଚ୍ଛା ନଥାଏ ବୁଲିବାକୁ |ଏ ଦୁନିଆ ରେ ଏମିତି କେହି ବ୍ୟକ୍ତିତ୍ବ ନାହାନ୍ତି , ଯିଏ କି କେବେ କେଉଁଠି ନା' କାହାକୁ ,କାହାରବା ପ୍ରେମରେ ପଡି ନାଁହି | ସମସ୍ତଙ୍କ ହୃଦୟକୁ ଛୁଇଁ ଥାଏ ଏଇ ପ୍ରେମ | ଏହି ପ୍ରେମ ବନ୍ଧନରେ ବାନ୍ଧି ହୋଇଥିବା ପ୍ରେମିକ, ପ୍ରେମିକାର ମିଛିମିଛିକା ମାନ-ଅଭିମାନ, ହସ-ମଜା, ପ୍ରତାରଣାରେ ମଧ୍ୟ ବହୁତ୍ ଆନନ୍ଦ ଥାଏ | ଏଥିରେ ଶାନ୍ତି ମିଳିଥାଏ, ଦେଇଥାଏ ଅନେକ ଆତ୍ମତୃପ୍ତି | ପ୍ରେମିକାଟି ତାର ଦେହ-ମନ-ପ୍ରାଣ ସବୁକିଛି ଅର୍ପଣ କରିଦେଇଥାଏ,ତାର ପ୍ରେମିକକୁ | ତାର ସମସ୍ତ ନାରୀତ୍ବର ଜଳାଞ୍ଜଳି ଦେଇ ହଜି ଯାଏ ସେ, ତାର ପ୍ରେମିକର ବାହୁ ବନ୍ଧନରେ | କେତେ ଅଶା, କେତେ କଳ୍ପନା ଭାବନାରେ ଗତି କରି ନଥାନ୍ତି ସେମାନେ ! ସେମାନ ଙ୍କ ମନରେ, ହୃଦୟରେ ନଥାଏ କିଛି ବାଛ-ବିଚାର ,ଧନୀ-ଗରିବ , ଛୁଁଆଁ-ଅଛୁଁଆଁ, ଆଉ ଉଚ-ନୀଚର ପାର୍ଥକ୍ୟ | କେତେ ଯେ ସ୍ବଚ୍ଛ କେତେ ଉଜ୍ଜଳ ସେ ପ୍ରେମୀ ଯୁଗଳ ମାନଙ୍କର ହୃଦୟ | ସତରେ, ପ୍ରେମରେ ଥରେ ପଡିଲେ ଯାଇଁ ଜଣାପଡେ, ସେ ହୃଦୟର କଥା | ଜୀବନର ପ୍ରଥମ ପାହାଚରେ ଯୌବନର ସଉଦା କିଣୁ କିଣୁ, ସେମାନେ ସମୟକୁ ଅପେକ୍ଷା ନକରି ଚାଲି ଯାନ୍ତି ଅନେକ ଆଗକୁ | ଖାତିରି ନଥାଏ ଏ ଦୁନିଆକୁ , ଲୋକ ଅପବାଦ - ନିନ୍ଦା, ଭଲ-ମନ୍ଦ ,ବାଧା-ବିଘ୍ନ କୁ | ସମସ୍ତ ଯନ୍ତ୍ରଣାକୁ ସହ୍ୟକରି ସେମାନେ ହଜିଯାନ୍ତି ଅନ୍ୟ ଏକ ରାଇଜରେ , ଯେଉଁଠି କେବଳ ମିଳିଥାଏ ପ୍ରେମମୟ, ଭାବମୟର ଜୀବନ | ସେ ପ୍ରେମର ସରଗରେ ମିଳି ଥାଏ ,ଖାଲି ଶାନ୍ତିର ବାତାବରଣ | ନଥାଏ କାହାର ନିନ୍ଦା କି ଅପବାଦ, କି ବାପ ଭାଇଙ୍କ ଲୋଲୁପ୍ତ ଦୃଷ୍ଟି | ନିଜର ଶାନ୍ତିଭରା ପ୍ରେମର ଦୁନିଆରେ ଗଢି ନିଅନ୍ତି ,ନିଜର ଛୋଟ ଏକ ଘର ଆଉ ସେମାନଙ୍କ ଭବିଷ୍ୟତ |

କିନ୍ତୁ ବଡ ଦୁଃଖର କଥା ,ଆଜିର ଏ ଆଧୁନିକ ଯୁଗର ଯୁବକ-ଯୁବତୀମାନେ ପାଲଟି ଯାଇଛନ୍ତି ରାକ୍ଷଷ - ରାକ୍ଷଷୀ | ଭୁଲି ଯାଇଛନ୍ତି ,ସେ ପବିତ୍ର ଶାଶ୍ବତ ପ୍ରେମର


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ମୂଲ୍ୟ | ଯେଉଁଥିରେ ଥାଏ କେତେଯେ ପବିତ୍ରତା, ଆଉ କେତେ ଶାନ୍ତି | କେଦାର-ଗୌରୀ ,ରାଧା-କୃଷ୍ଣଙ୍କ ପରିବର୍ତେ ,ଏଠି ଅନେକ ଅନେକଙ୍କ ହାତଧରି ,ସେମାନଙ୍କଠାରୁ ମଧୁ ସଂଗ୍ରହ କରି ଚାଲିଛନ୍ତି | ପରସ୍ପରକୁ ଶୋଷଣ କରି ଚାଲିଛନ୍ତି | ଆଜିର ଦୁନିଆରେ କିଛି ପ୍ରେମିକ-ପ୍ରେମିକା କେବଳ ମୋହ ,କାମ ବସତଃ ଭଲପାଇବାକୁ ଯେତିକି ଆପାଣେଇଛନ୍ତି ,ପବିତ୍ରତାର ସେ ସ୍ବର୍ଗୀୟ ପ୍ରେମକୁ ଭୁଲିଯାଇଛନ୍ତି | "ଏଠି ପ୍ରେମ ତ କରି ଚାଲିଛନ୍ତି ଲୁଚି ଲୁଚି ,କିନ୍ତୁ ଯୁଦ୍ଧ କରୁଛନ୍ତି ଏକଦମ୍ ଖୋଲା ଖୋଲି" | କିଛି ବ୍ୟକ୍ତିତ୍ବ ସମୟ ବିତେଇବା ପାଇଁ ତ ! ଆଉ କେହି ଶାରୀରିକତା ମୋହରେ ପଡି ମନର ଭୋକ ମେଣ୍ଟେଇବା ପାଇଁ ପ୍ରେମର ଜାଲରେ ବାନ୍ଧି ହେଉଛନ୍ତି | ଆଉ ପରେ ପାଉଛନ୍ତି ଯନ୍ତ୍ରଣା ,କେବଳ ଯନ୍ତ୍ରଣା |

ଏଇ କଣ' ପ୍ରେମ , ଚିର ଶାଶ୍ବତ ? କାଁହିଗଲା ସେ ରାଧା-କୃଷ୍ଣଙ୍କ ପ୍ରେମ ! କୁଆଡେ ହଜିଗଲା ସେ ପ୍ରେମୀ ଯୁଗଳ କେଦାର-ଗୌରୀଙ୍କ ପବିତ୍ରତା ,ଭଲପାଇବା ପ୍ରେମ ? ନା ଅଛନ୍ତି ଏଠି କେହି କହିବାକୁ , ନା ଅଛନ୍ତି ଏଠି କେହି ଶୁଣିବାକୁ !

କିଏ ଦେବ ଉତ୍ତର ?

ଏ ସମାଜ, ନା ସମୟ ?

ଯେଉଁ ପ୍ରେମ, ଏ ସୃଷ୍ଟି ର ମୂଳ କାରଣ ,ସେ ପ୍ରେମ କଣ' ଏଇଠି ଏମିତି ନିନ୍ଦା ଅପବାଦର ଘେରରେ ରହିଯିବ ?

ପବିତ୍ର ଏଇ ବିଶ୍ବାସଭରା ପ୍ରେମ କଣ', ଏମିତି ଅବିଶ୍ବାସରେ ବଦଳିଯିବ ! ନା", ହେ' ମୋର ବନ୍ଧୁ ପ୍ରେମୀମାନେ ଯାଗ, ଆଉ ନିଜର ଅନ୍ତର ଆତ୍ମାକୁ ଯଗାଓ | ପ୍ରେମକୁ ଏମିତି ବଦନାମ କରନାଁହି ଯାହା ପାଇଁ ଏ ଦୁନିଆର ସମସ୍ତ ପ୍ରେମିକ-ପ୍ରେମିକା ଅପମାନର ଘେରରେ ରହିଯିବେ | ସେମାନଙ୍କ ପବିତ୍ରତା ମଧ୍ୟ ଅପବିତ୍ରତାର କାରଣ ହେବ | ପ୍ରେମ ସଉଦା ନୁହେଁ, ଆଜି କିଣିକି ନେଇ ଯିବା ଆଉ ସରିଗଲେ ଆଉ ଥରେ ,ଆଉ ଗୋଟେ କିଣିବା | ଆଜିର ଦୁନିଆ ପାଶ୍ଚାତ୍ୟ ସଭ୍ୟତାକୁ ବହୁତ୍ ଆପଣେଇଛି ,ଯେମିତି ଭାଲେଣ୍ଟାଇନ୍-ଡ଼େ କୁ ଆମର ପ୍ରେମୀ ଯୁଗଳ ମାନେ ବେଶ୍ ମାନିଛନ୍ତି | ପ୍ରେମୀବନ୍ଧୁ ମାନେ ଦିନଟିକୁ ମାନନ୍ତୁ ,କାହିଁକି ନା ସେ ଦିନ ଭଲପାଇବାର ଦିବସ ,ପ୍ରେମର ଦିବସ | କିନ୍ତୁ ମୋ ମତରେ ସେଇ ଗୋଟିଏ ଦିନ କାହିଁକି ! ପ୍ରତେକ ଦିନ କାହିଁକି ନୁଁହେ !ଭଲ ପାଇବାର କୌଣସି ନିର୍ଦ୍ଦିଷ୍ଟ ଦିବସ ନଥାଏ, କେବଳ ସେହି ନିର୍ଦ୍ଦିଷ୍ଟ ଦିବସରେ ଭଲ ପାଇବା ଆଉ ପରବର୍ତୀ ସମୟରେ ନୁଁହେ !ଏହି ପ୍ରେମ ଭଲ ପାଇବା ସର୍ବଦା ସମସ୍ତଙ୍କ ପାଖରେ ଥାଏ | ଗୋଟେ ଦିନ ନୁଁହେ ସର୍ବଦା ଭଲପାଓ ,ପ୍ରେମ କର | ସ୍ନେହ ଆଦରରେ ସମସ୍ତଙ୍କୁ ବାନ୍ଧିବାକୁ ଚେଷ୍ଟା କର | ନିଜ ଭିତରୁ ଘୃଣା-ମାୟା-ଲୋଭକୁ ହଟାଓ | ଭଲପାଓ, ପ୍ରେମକର ମନଭରି ପ୍ରେମକର | ଖାଲି ପ୍ରେମିକ-ପ୍ରେମିକା କି ବାନ୍ଧବୀଙ୍କୁ ନୁଁହେ , ନିଜର ମାତା-ପିତା ,ଭାଇ-ବନ୍ଧୁ ସହଯୋଗୀ ପ୍ରତ୍ୟେକଙ୍କୁ ,ସ୍ନେହ ମମତାରେ ବାନ୍ଧି ନିଅ | ଭରପୁର୍ ଭଲପାଇବା ଦିଅ | ପ୍ରେମକର , କାହିଁକିନା ଯେଉଁଠି ଏଇ ପ୍ରେମ ନାଁହି ତାହାଲେ ସେ ଜୀବନର ମାନେ କିଛି ନାଁହି | ପ୍ରେମ ଏକ ବିଶ୍ବାସ ଭଲପାଇବା | ପ୍ରକୃତ ପ୍ରେମ ସେଇଠି ଥାଏ ଯେଉଁଠି ଥାଏ ଅପାର ଭଲପାଇବା-ସ୍ନେହ-ପ୍ରେମ-ବିଶ୍ବାସ, ସମର୍ପଣ ଆଉ ତ୍ୟାଗ | ପ୍ରେମ କେବେ ଖରାପ ନୁଁହେ ,ପ୍ରେମ ସୁନ୍ଦର, ପ୍ରେମ ସଦା ସର୍ବଦା ପବିତ୍ର | ପ୍ରେମ ଏକ ବନ୍ଧନ ଦୁଇଟି ହୃଦୟର ,ଶାଶ୍ବତ ଚିର ଅନନ୍ତ

|

ଏଇଠି ମୋର ଲେଖା ଏକ ଛୋଟ କବିତା ମନେ ପଡେ :=

"ପ୍ରେମ ର ନାଁହି ଅନ୍ତ, ଥାଏ ଖାଲି ଆରମ୍ଭ
ପ୍ରେମରେ ନ ଥାଏ ପ୍ରଶ୍ନ, ଥାଏ ଖାଲି ଉତ୍ତର ..
ପ୍ରେମ ଏକ ପ୍ରତିଶ୍ରୁତି ପ୍ରେମ ଏକ ଭରଷା, ଏଇ ଥାଏ ଏଇ ନାଁହି ସେ ଏକ ଅଦିନିଆ ବରଷା ,
ପ୍ରେମ କେବେ କାହା ପାଇଁ ପରଦେଶୀ ଚଢେଇ,ନିଜେ ଉଡିଯାଏ ସିନା ,ପୁଣି ନେଇ ଯାଏ ଉଡ଼େଇ ..."

ସ୍ନେହ-ପ୍ରେମ-ମମତା ଭଲପାଇବାକୁ କହିବାକୁ ଗଲେ ତ ସରିବନି ,କାହିଁକି ନା ପ୍ରେମ ସଂଜ୍ଞାହୀନ | ଆମ ସଭିଙ୍କ ପ୍ରତିଟି ମନର ଆଶାରେ ଘର କରି ରହିଥାଏ ପ୍ରେମ, ଯେଉଁଠି ଥାଏ ଖାଲି ଶାନ୍ତି ଆଉ ନିରବତା ,ବିଶ୍ବାସ ଆଉ ଭଲପାଇବା | ପ୍ରିୟ ପାଠକ ପ୍ରେମୀ ମୁଁ ପୁଣି ଥରେ ପ୍ରେମର କିଛି ନୂଆ ପରିଭାଷା ସହିତ ଆପଣ ମାନଙ୍କ ସମ୍ମୁଖରେ ଉତ୍ତୀର୍ଣ ହେବି ସେବେଯାଏଁ ବିଦାୟ |

ହେ ପ୍ରେମ ତୁମେ ଏମିତି ଏ ସୁନ୍ଦରମୟ ଭଗବନଙ୍କ ସୃଷ୍ଟିରେ ଚିର ଶାଶ୍ବତ ହୋଇ ରହିଥାଓ | ତୁମ ପବିତ୍ର ପ୍ରେମ ରଂଗରେ ଏ ଦୁନିଆକୁ ରଂଗଉ ଥାଓ ,ତୁମକୁ ମୋର ସର୍ବଦା ସୁସ୍ବାଗତ |


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ବ୍ୟଥିତମନା ପୁରୁଷ



ରଶ୍ମୀ ରଞ୍ଜନ ଦାଶ (ବାପୁ)

ଦମ୍ଭ ଥିଲା ଦିନେ ମୋ ପୁରୁଷପଣ ଦମ୍ଭ ଥିଲା ମୋର ଠାଣି
ଅସୀମ ବଳର ଅଧିକାରୀ ବୋଲି ଭାବୁଥିଲି ମୁହିଁ ପୁଣି
ମା" ଓ ନାରୀର ସୁରକ୍ଷା ଥିଲାଯେ ମୋ ଜାତି ପରମବ୍ରତ
ଇଜ୍ଜତ୍ ନାରୀର ଇଜ୍ଜତ୍ ଦେଶର ଜାଣିଥିଲି ଏହି ସତ୍ୟ
ନ୍ୟର୍ଥସ୍ୱାର୍ଥୀ କିଛି ଚାଣ୍ଡାଳ ଜାରଜ ଏହି କଥା ଭୁଲି ଗଲେ
ଇଶ୍ୱରଙ୍କ ଧରା ଅପବିତ୍ର ହେଲା ନାରୀ ଧର୍ଷଣ କଲେ

ଦୈହିକ ବାସନା କାମନା ଯେ ପୁଣି ପଶୁତ୍ୱକୁ ବଳିଗଲା
କୂଳର ଇଜ୍ଜତ କଳୁଷିତ କରି ମାତୃ ଜାତିକି ଗ୍ରାସିଲା
ମହତ ଭୁଲିଲା ନର ଆଜି ଜାଣ କନ୍ୟା ଭଗ୍ନୀ ନମାନିଲା
ଇଶ୍ୱର ସୃଷ୍ଟିର ସର୍ବଶ୍ରେଷ୍ଠ ଜୀବ ପତିତୁ ନଗଣ୍ୟ ହେଲା
ନଗ୍ନ ଦେହ ଖାଲି ଦେଖିଲା ନୟନ ମା"ଭଗ୍ନୀକନ୍ୟାଠାରେ
ଶଙ୍କିତ କଲା ବ୍ୟାକୁଳିତ କଲା ନାରୀକୁ ଏ ଭାରତରେ

ଦମ୍ଭ ଅହମିକା ଭୂଲୁଣ୍ଠିତ ହେଲା ପୁରୁଷ ଜାତିର ଆଜି ଧରାରେ
ଅସଭ୍ୟ କହିଲା ଅଭିଶାପ ଦେଲା ନାରୀ ଜାଣ ଆଜି ପୁରୁଷକୁ ରେ
ମର୍ଯ୍ୟାଦା ଯେବେ କୂଳ ଲଙ୍ଘିଥିଲା କଉଁ ମୂଢମତି କାମଜ୍ୱାଳାରେ
ହେ ଚକ୍ରୀ ତାକୁ ନାଶିଲନି କିଆଁ ତୁମ୍ଭ ସୁଦର୍ଶନ ଚକ୍ରାୟୁଧରେ
ନଷ୍ଟ ହୋଇଲା ପୁରୁଷ ବଡ଼ିମା ନଷ୍ଟ ହେଲା ଆଜି ଆତ୍ମ ସମ୍ମାନ
କର୍ତବ୍ୟ ଭୁଲି କୁପଥ ରେ ବୁଲି ସାରିଦେଲା ସବୁ ମହତ ପଣ

ମୋହ ଜାତି କୃତ୍ୟେ ଆଜ ମୁଁ ଲଜ୍ଜିତ ମଥାଟେକି କଥା ନପାରେ କହି
କ୍ଷମାଦେବୁ ନାରୀ ମମତାର ପୁରି ତୋତେ ମୁଁ ସୁରକ୍ଷା ପାରିନି ଦେଇ
ତୁ ପରା ଜନନୀ ତୁ ପରା ଭଗିନୀ ସହୋଦରୀ ପୁଣି ତୁହିତ ଜାୟା
ବିସ୍ତାରି ଦେ ତୋ ବିଶାଳ ହୃଦୟ ପୋଡୁପାପୀ-ପାପ କାୟା
ଚେତନା ରୁପିଣୀ ନାରୀ ନାରାୟଣୀ ଜାଗି ଉଠ ଆଜି ତୁ ପୁଣି ଥରେ
ଚୈତନ୍ୟମୟୀ ହେଉ ଏ ଧରଣୀ ସତ୍ ଚେତନା ଜାଗୁ ପ୍ରତି ମନରେ
ଚେତନା ର ବଳେ ନାରୀ ହେଉ ଧୀରା ସଂସ୍କୃତି କୁ ରକ୍ଷା କରୁ
ତେଜି ସ୍ୱଳ୍ପବାସ ଆବୋରିଣ ବସ୍ତ୍ରସୌନ୍ଦର୍ଯ୍ୟମୟୀ ବେଶକୁଧରୁ
ପୁରୁଷ ଲଭନ୍ତୁ ସଂଜମତା ପୁଣି ଲଭନ୍ତୁ ଆଜ ସଂସ୍କାର
ସକଳ ନାରୀରେ ସମ୍ମାନ ରଖି ବାହୁ ଥାଉ ରଥ ଶାନ୍ତି ପ୍ରିତୀର



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ଫେରାଇ ଦେବ କି ମୋତେ



ରଞ୍ଜନ କୁମାର ପାଣିଗ୍ରାହୀ

ଫେରାଇ ଦେବ କି ମୋତେ ଓଡ଼ିଶାର ପୂରୁବ ଗୌରବ,
କଳିଙ୍ଗ ମାଟିର ହଜି ଯାଇଥିବା ବିଶେଷ ବିଭବ,
ଆଜି ବି ଏ ଜାତି ଆଉ ଭାଷା ପାଇଁ କରେ ମୁଁ ଯେ ଗର୍ବ,
ବାଣ୍ଟିବାକୁ ଚାହେଁ ବିଶ୍ୱେ ଏଇ ମାଟି ମାଆର ସୌରଭ।

ଫେରାଇ ଦେବ କି ମୋତେ ଓଡ଼ିଆ ସାହିତ୍ୟ ଉତ୍କର୍ଷତା,
ଛାନ୍ଦ, ଚଉତିଶା ଭରା ଅଗଣିତ କଥା ଓ କବିତା,
କାଳଜୟୀ ସୃଷ୍ଟି ରଚିବି, ବାଣ୍ଟିଦେବି ପ୍ରେମର ବାର୍ତ୍ତା,
ଆଶିଷ ଘେନିବି ମୁଁ ଯେ ତୁମର, ଆହେ ବିଶ୍ୱବିଧାତା।

ଫେରାଇ ଦେବ କି ମୋତେ ଓଡ଼ିଆ ସଂସ୍କୃତି ପରମ୍ପରା,
ଓଡ଼ିଶୀ, ସମ୍ବଲପୁରୀ, ଗୋଟିପୁଅ, ଛଉ ଓ ଘୁମୁରା,
ପୁନିଅଁ ପରବେ ନାଚିବି, ମନେ ଥିବ ଆନନ୍ଦ ଭରା,
ବାଦ୍ୟଯନ୍ତ୍ର ସ୍ୱର ମଧ୍ୟରେ ନାଚି ଉଠିବ ଏଇ ଧରା।

ଫେରାଇ ଦେବ କି ମୋତେ ଉତ୍କଳର କଳା କାରୁକାର୍ଯ୍ୟ,
ସାରା ବିଶ୍ୱରେ ମୁଁ ଯାଇ ଗଢ଼ିବି ମାଳ ମାଳ ଐଶ୍ୱର୍ଯ୍ୟ,
ସ୍ଥାପତ୍ୟ ଦର୍ଶନେ ବିମୁଗ୍ଧ ଦୁନିଆ ହୋଇବ ଆଶ୍ଚର୍ଯ୍ୟ,
ଗର୍ବ ଗୌରବରେ ଫୁଲାଇବ ଛାତି ଆମ ଏ ସାମ୍ରାଜ୍ୟ।

ଫେରାଇ ଦେବ କି ମୋତେ ଅତୀତର ପୂର୍ଣ୍ଣାଙ୍ଗ ଓଡ଼ିଶା,
ଆସିଛି ତୁମରି ପାଖକୁ ମନେ କେତେ ସଞ୍ଚିଛି ଆଶା,
ଆସ, ହାତେ ମିଶାଇ ହାତ ମୋତେ ଦିଅ ତୁମେ ଭରସା,
ନିଶ୍ଚେ ଉଇଁବ ନୂଆ ସୁରୁଜ, ଘୁଞ୍ଚିବ ଘନ ତମସା।


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ବଳାତ୍କାର ଘଟଣା ମାନଙ୍କ ପାଇଁ ଦାୟୀ କିଏ ?



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଯେତେବେଳେ କୌଣସି ଧର୍ଷଣ ବା ବଳାତ୍କାର ଘଟଣା ସର୍ବସମ୍ମୁଖରେ ଆସେ, ଲୋକମାନେ ଉତ୍ୟକ୍ତ ହୋଇ ପଡ଼ନ୍ତି ଏବଂ ସଡ଼କ ଉପରକୁ ଚାଲି ଆସନ୍ତି । କେହି କେହି ମହମବତୀ ଜାଳି ଏହାର ବିରୋଧ କରନ୍ତି ତ ଆଉ କିଏ ଏହି ପରି କୁକର୍ମପାଇଁ ମୃତ୍ୟୁଦଣ୍ଡ ଭଳି ଦଣ୍ଡ ଦାବୀ କରିବସନ୍ତି । ଏଥିପାଇଁ କିଏ ସରକାରଙ୍କୁ ତ କିଏ ପୋଲିସକୁ ଦାୟୀ କରେ । ସେ ଯା ହେଉ ଆଜି ଏହିମର୍ମରେ ଏହି ଛୋଟ କଥା ଲେଖିବାପାଇଁ ମୋତେ ପ୍ରୋତ୍ସାହନ ଦେଇଛନ୍ତି ଫେସବୁକରେ ଥିବା ଜଣେ ଅଜଣା ବନ୍ଧୁ । ନିଜକୁ ବିଦ୍ରୋହୀ ବୋଲି ଦାବୀ କରୁଥିବା ଏହି ବନ୍ଧୁଜଣଙ୍କ ମତାମତ ପଢ଼ିବାପରେ ମୋତେ ଆଶ୍ଚର୍ଯ୍ୟ ଚକିତ ଲାଗିଲା ଏବଂ ମୁଁ ବାଧହୋଇ ଏହି ଲେଖା ଲେଖିବା ପାଇଁ ମନ ବଳାଇଲି ।

ବନ୍ଧୁଙ୍କ ମତରେ ଗଣମାଧ୍ୟମରେ ମହିଳା ମାନଙ୍କୁ ଭୋଗ୍ୟାବସ୍ତୁ ଭାବରେ ଉପସ୍ଥାପନ କରାଯାଉଛି । ପତ୍ରପତ୍ରିକାରେ ମହିଳାମାନଙ୍କୁ ଅର୍ଦ୍ଧନଗ୍ନ ବା ଉଲଗ୍ନ ଅବସ୍ଥାରେ ଦେଖାଯାଉଛି । ବୟୋଜ୍ୟୋଷ୍ଠମାନେ ଯେତେ କହିଲେ ବି ମହିଳାମାନେ ସ୍ବଳ୍ପବସ୍ତ୍ର ପିନ୍ଧୁଛନ୍ତି ଯାହାଫଳରେ ବଳାତ୍କାରୀମାନଙ୍କୁ ଏହା ଉସୁକାଉଛି ଏବଂ ଏହିପରି କାଣ୍ଡମାନ ଘଟିବାରେ ଲାଗିଛି ।

ବନ୍ଧୁଙ୍କ ମତରେ ସ୍ତ୍ରୀ ଅଧିକାର ନାମରେ ସମାଜରେ ଫେମିନିଜ୍ମ୍ ବା ନାରୀମାନଙ୍କୁ ଅଯଥା ସମ୍ମାନ ଦିଆଯାଇ ଏକ ଅସୁବିଧା ପରିସ୍ଥିତି ସୃଷ୍ଟି କରାଯାଉଛି । ଏହା ଫଳରେ ମହିଳାମାନେ ନିଜ ଧର୍ମ, ସଂସ୍କୃତି ଏବଂ ସର୍ବୋପରି ସ୍ତ୍ରୀତ୍ବରୁ ବିମୁଖ ହୋଇପଡୁଛନ୍ତି । ଏବଂ ନିଜକୁ ପୁରୁଷମାନଙ୍କ ସମକକ୍ଷ ବୋଲି ବିଚାର କରିବାକୁ ଲାଗୁଛନ୍ତି । ସ୍ତ୍ରୀମାନେ କାହିଁକି ପୁରୁଷମାନଙ୍କ ଠାରୁ ଅଧିକାର ଦାବୀ କରୁଛନ୍ତି ? ସେମାନେ କଣ ପୁରୁଷ ମାନଙ୍କ ଅଧିନରେ ଅଛନ୍ତି କି ? ବଳାତ୍କାର ହେବାପରେ ରାଜରାସ୍ତାରେ ମହମବତୀ ଧରି ବିରୋଧ ପ୍ରଦର୍ଶନ କରିବାପାଇଁ ଆଗେଇ ଆସୁଛନ୍ତି ଅଥଚ ଯେତେବେଳେ ପତ୍ରପତ୍ରିକାରେ ସ୍ବଳ୍ପବସ୍ତ୍ରାବୃତ୍ତା ଚିତ୍ର ବାହାରୁଛି ସେତେବେଳେ କେହି ବିରୋଧ କରୁନାହାନ୍ତି କାହିଁକି ? ଆଧୁନିକା ମହିଳାମାନେ ନିଜକୁ ଭୋଗ୍ୟା ବସ୍ତୁ ଭାବରେ ଉପସ୍ଥାପନ କରୁଛନ୍ତି, ତା'ହେଲେ ପୁରୁଷମାନଙ୍କୁ ହିଁ ଦୋଷ ଦିଆଯାଉଛି କାହିଁକି ? ବଳାତ୍କାର କରୁଥିବା ବ୍ୟକ୍ତିକୁ ଯଦି ଦୋଷୀ ବୋଲି ଧରାଯାଏ, ତେବେ ତାକୁ ଉସୁକାଇଥିବା ବ୍ୟକ୍ତିକୁ ବି ଦଣ୍ଡ ଦିଆଯାଉ । ବଳାତ୍କାରରେ କେବଳ ଜଣେ ହିଁ ଦାୟୀ ହୋଇନଥାଏ, ବରଂ ସେ ସମସ୍ତବ୍ୟକ୍ତି ଏଥିପାଇଁ ଦାୟୀ ଯେଉଁମାନଙ୍କ ହେତୁ ଏହି ଘଟଣା ହେଉଛି ।

ଆଜିକାଲି ନିଜକୁ ଆଧୁନିକା କହୁଥିବା ଝିଅମାନେ ପାର୍କ, ମଲ୍, ସିନେମା ଆଦି ସ୍ଥାନରେ ସ୍ବଳ୍ପବସ୍ତ୍ର ପିନ୍ଧି ଅଶ୍ଳୀଳତାକୁ ପ୍ରୋତ୍ସାହନ ଦେଉଛନ୍ତି । ଯାହାକୁ ନାରୀ ସ୍ୱାଧୀନତା ବୋଲି ମଧ୍ୟ କୁହାଯାଉଛି । ଯଦି ଏମିତି ଝିଅ ମାନଙ୍କୁ ଦେଖି କାହାର ବି ମନରେ କାମୁକ ଭାବନା ଜାଗ୍ରତ ହେବ ନା ନାହିଁ ? ସେମାନଙ୍କୁ ନ ପାଇ ପାରିବା ଚିନ୍ତା ମନରେ ଆସିଲେ ପୁରୁଷ ଅନ୍ୟ ସ୍ତ୍ରୀ, କନ୍ୟା ବା ମହିଳାଙ୍କୁ ନିଜ କାମବାସନାର ଶୀକାର କରିବା ସ୍ବାଭାବିକ । ଯଦି ବଳାତ୍କାର ହୁଏ ତେବେ ଏପରି କ୍ଷେତ୍ରରେ କମ କପଡ଼ା ପିନ୍ଧି ପୁରୁଷକୁ ଉସୁକାଉଥିବା ମହିଳାମାନେ ଦାୟୀ ହେବେ ନାହିଁ କି ? ଟିଭି, ସିରିୟଲ୍, ସିନେମାରେ ଖୋଲାଖୋଲି ଅଙ୍ଗପ୍ରଦର୍ଶନ ହେଉଥିବା ସମୟରେ ଏହାର ବିରୋଧ କେହି କରୁନାହାନ୍ତି କାହିଁକି ?

ଯେଉଁ ଦେଶରେ ସନି ଲିଓନ୍, ପୁନମ୍ ପାଣ୍ଡେ ଓ ମଲ୍ଲିକା ଶେରାୱତ୍ ପରି ମହିଳାମାନଙ୍କୁ ରୋଲ୍ ମଡେ୍ଲ୍ ବୋଲି ଧରିନିଆଯାଉଛି ସେହି ଦେଶରେ ବଳାତ୍କାର ହେବନି ତ କଣ ହେବ ? ନାରୀର ବଳାତ୍କାର ଅପେକ୍ଷା ନାରୀତ୍ବର ବଳାତ୍କାର ପ୍ରତିଦିନ ହେଉଛି ଅଥଚ କେହି ସ୍ବର ଉତ୍ତୋଳନ କରୁନାହାନ୍ତି । ପର୍ନ୍, କମ୍ କପଡ଼ା, ଅଶ୍ଳୀଳତା, କାମୁକ ପୁସ୍ତକ, ଖବର କାଗଜରେ ଛପୁଥିବା କାମୁକ ଚିତ୍ର ଆଦିର ସମ୍ପୂର୍ଣ୍ଣ ବହିଷ୍କାର କରାଯାଉ ।

ଉପରେ ଲେଖାଯାଇଥିବା ସମସ୍ତ କଥା ଫେସବୁକରେ ଥିବା ଜଣେ ବନ୍ଧୁଙ୍କ ୱାଲ୍ ପୋଷ୍ଟର ଓଡ଼ିଆ ସଂକଳନ । ସେ ଅବଶ୍ୟ ହିନ୍ଦୀରେ ଲେଖିଥିଲେ



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

। ସେ ଯା'ହେଉ । ଏ ସବୁ ପଢ଼ିବାପରେ ମନକୁ ଅନେକ ପ୍ରଶ୍ନ ଆସିଥିଲା । ପ୍ରଥମତଃ ଯେଉଁ ପାଞ୍ଚବର୍ଷ ବୟସ୍କା ଝିଅଟିର ବଳାତ୍କାର ହୋଇଥିଲା ସେ କଣ ବଳାତ୍କାରୀକୁ ଉସୁକାଇଥିଲା ? ଯେଉଁ ମହିଳାମାନଙ୍କ ବଳାତ୍କାର ହେଉଛି ସେମାନେ କଣ ନିଜ ଉପରେ ହେଉଥିବା ଏହି ପାଶବିକ ଅତ୍ୟାଚାର ପାଇଁ ନିଜେ ହିଁ ଦାୟୀ ?

ଆମ ଦେଶରେ ହେଉଥିବା ଅଧିକାଂଶ ବଳାତ୍କାର ଜନିତ ଘଟଣା ଲୋକଲୋଚନକୁ ଆସେ ନାହିଁ, କାରଣ ନିଜ ପରିବାରର ସମ୍ମାନକୁ ଆଖିଆଗରେ ରଖି ଅନେକ ପରିବାର ଏମିତି ଘଟଣାକୁ ଚପେଇ ଦିଅନ୍ତି । ବଳାତ୍କାର ଏକ ଶାରୀରିକ ଘଟଣା ନୁହେଁ, ଏହାକୁ ଯୌନ ଅତ୍ୟାଚାର କହିବା ଯଥେଷ୍ଟ ନୁହେଁ, ଏହା ଏକ ମାନସିକ କୁତ୍ସିତ ଘଟଣା । ପୁରୁଷ ପ୍ରଧାନ ଆମ ଦେଶରେ ସ୍ତ୍ରୀ'କୁ ଚପେଇ ରଖିବାପାଇଁ କିଛି ଘୃଣ୍ୟମାନସିକ ବ୍ୟକ୍ତିଙ୍କ ଏହା କାଣ୍ଡ । ନାରୀମାନଙ୍କ ମନରେ ଭୟ ଜାତ କରିବା ଏବଂ ସେମାନଙ୍କୁ ପୁରୁଷତ୍ବ ଆଗରେ ମୁଣ୍ଡ ନୁଆଇଁ ରଖିବାପାଇଁ ଇଚ୍ଛା ହିଁ ବଳାତ୍କାର ପରି ଘୃଣ୍ୟ ଘଟଣାକୁ ଜନ୍ମ ଦିଏ ।

କିଛି ବନ୍ଧୁ ମତ ଦିଅନ୍ତି ଯେ ଆମ ସମାଜରେ ଯୌନସମ୍ପର୍କକୁ ଚପେଇ ଦିଆଯାଉଥିବା ହେତୁ ବଳାତ୍କାର ଘଟଣାମାନ ଘଟୁଛି । କିନ୍ତୁ ଯଦି ସତରେ ଏମିତି ହୋଇଥାନ୍ତା ତେବେ ପୁରୁଷମାନଙ୍କ ଅପେକ୍ଷା ନାରୀମାନେ ଅଧିକ ମାତ୍ରାରେ ବଳାତ୍କାର କରିଥାନ୍ତେ ! ନୁହଁ କି ? କିଛି ବୁଦ୍ଧିଜୀବିଙ୍କ ମତରେ ଯୌନପିପାସ ହିଁ ବଳାତ୍କାର ମୁଖ୍ୟ କାରଣ । କିନ୍ତୁ ଏହା ଠିକ୍ ନୁହେଁ । କାରଣ ଯୌନପିପାସ ଉଭୟ ପୁରୁଷ ଓ ସ୍ତ୍ରୀର ମନରେ ସମାନ ଭାବରେ ଥାଏ । କିନ୍ତୁ ସ୍ତ୍ରୀମାନେ ବଳାତ୍କାର କରନ୍ତି ନାହିଁ । ଏବଂ କାମପିପାସାର ବଶହୋଇ ସବୁ ପୁରୁଷ ମଧ୍ୟ ବଳାତ୍କାର କରିନଥାନ୍ତି ।

ନିକଟ ଅତୀତରେ ପର୍ଣ୍ଣ ବା ଯୌନସଂଭୋଗର ଚିତ୍ରଥିବା ଚଳଚ୍ଚିତ୍ର ଆଦିକୁ ନିଷେଧ କରିବାପାଇଁ ମନ୍ତବ୍ୟ ଉଠିଥିଲା । କେହି କେହି ବନ୍ଧୁ ଏହାକୁ ମଧ୍ୟ ବଳାତ୍କାରର ଏକ କାରଣ ବୋଲି ଭାବନ୍ତି । କିନ୍ତୁ ଏହା ଠିକ୍ ନୁହେଁ । ମହିଳାମାନେ ମଧ୍ୟ ଏହିପ୍ରକାରର ଛବି ଓ ଚଳଚ୍ଚିତ୍ର ଦେଖୁଛନ୍ତି, ସେମାନେ ତ ବଳାତ୍କାର କରୁନାହାନ୍ତି । ଏବଂ ସମାଜରେ ଅନେକ ଲୋକମଧ୍ୟ ଏହା ଦେଖୁଛନ୍ତି ସେମାନେ କଣ ସମସ୍ତେ ବଳାତ୍କାର କରୁଛନ୍ତି ?

ଆମର ଅନେକ ବୁଦ୍ଧିଜୀବି ମତ ଦିଅନ୍ତି ଯେ ବଳାତ୍କାର ପରି ଘଟଣା କେବଳ ଅଶିକ୍ଷିତ କିମ୍ବା ଅଳ୍ପଶିକ୍ଷିତ ମାନଙ୍କ ଦ୍ବାରା ହିଁ ହୁଏ । ଏହାର ବନାମ ଆମେ କହିବା ଯେ ବଳାତ୍କାର କରୁଥିବା ଅଳ୍ପଶିକ୍ଷିତ ବା ଅଶିକ୍ଷିତ ମାନେ ଧରାପଡ଼ନ୍ତି ଅଥଚ ଶିକ୍ଷିତ ବ୍ୟକ୍ତିମାନେ ନିଜକୁ ବଞ୍ଚେଇ ପାରନ୍ତି । ଆମ ସମାଜରେ ଅନେକ ବଳାତ୍କାର ଘଟଣା ଅଣଆଲୋଚିତ ହୋଇ ରହିଯାଏ, ଯାହା ପରିବାର ଭିତରେ, ଏବଂ ସମ୍ପର୍କୀୟମାନଙ୍କ ଭିତରେ କିମ୍ବା ଚିହ୍ନାପରିଚିତ ବ୍ୟକ୍ତିଙ୍କ ଦ୍ବାରା ହୋଇଥାଏ, ଏବଂ ନିଜ ପରିବାରର ସମ୍ମାନହାନୀ ହେବା ଭୟରେ ଏ ସବୁ ଘଟଣା ଲୋକଲୋଚନକୁ ଆସେ ନାହିଁ ।

ଜଣେ ବନ୍ଧୁମତ ଦିଅନ୍ତି ଯେ ଯଦି ଦେହବ୍ୟାପାରକୁ ଆଇନଗତ କରିଦିଆଯାଆନ୍ତା ତେବେ ବଳାତ୍କାର ପରି ଘଟଣା କମ ହୁଅନ୍ତା । ଏହା ଅସମ୍ଭବ । କାରଣ ବଳାତ୍କାର ଯୌନ ସଂବେଦନର ଆବଶ୍ୟକତା ଏବଂ ଉପସ୍ଥାପନ (ସପ୍ଲାଇ ଡିମାଣ୍ଡ)ସହ ସମାନ ନୁହେଁ । ଯଦି ଦେହବ୍ୟାପାରକୁ ଆଇନଗତ କରିଦିଆଯାଏ, ତେବେ ମହିଳାମାନେ ଦେହ ବ୍ୟାପାରକୁ ଆପଣେଇ ପାରନ୍ତି, ଏହାଦ୍ବାରା ସମାଜରେ ଅସମାନତା ବୃଦ୍ଧିପାଇବ ସିନା କିନ୍ତୁ ବଳାତ୍କାର ପରି ଘଟଣା କମ ହେବ ନାହିଁ ।

ଅନ୍ୟ ଜଣେ ବନ୍ଧୁମତ ଦେଇଛନ୍ତି ଯେ ଯଦି ଅଳ୍ପବୟସରୁ ପୁରୁଷ ମାନଙ୍କୁ ବିବାହ କରିଦିଆଯା'ନ୍ତା ତା ହେଲେ ବଳାତ୍କାର ପରି ଘଟଣାମାନ ଘଟନ୍ତା ନାହିଁ । ଏହା ବି ଏକ ଅସମ୍ଭବ କଥା । ଅଳ୍ପବୟସରେ ବିବାହ କଲେ ଯୌନସଂଭୋଗ କରିବାପାଇଁ ଘରେ ସ୍ତ୍ରୀ ମିଳିବ ଏବଂ ପୁରୁଷ ବାହାରକୁ ଯିବ ନାହିଁ । ତା'ହେଲେ ଯେଉଁ ବିଧବା ମହିଳାମାନେ ଘର ଭିତରେ ରହୁଛନ୍ତି ସେମାନେ କଣ ବଳାତ୍କାର କରୁଛନ୍ତି କି ? ସେମାନେ ବି ତ ଯୌନସଂଭୋଗରୁ ବଞ୍ଚିତ ଅଛନ୍ତି?

ଆମ ସମାଜରେ ଯେତେଦିନ ଯାଏଁ ପୁରୁଷ ଓ ମହିଳାଙ୍କୁ ସମାନ ସମ୍ମାନ ଓ ସମାନତା ଦିଆଯାଇନି, ସେତେ ଦିନ ଯାଏଁ ହୀନମନସ୍କ ପୁରୁଷ ମାନେ ମହିଳାମାନଙ୍କୁ ଏହିପରି ଲଜ୍ଜିତ କରି ଆସୁଥିବେ । ବଳାତ୍କାର କେବଳ ଯୌନପିପାସ ପାଇଁ କରାଯାଏନି, ଏହା ପୁରୁଷର ନିଜକୁ ଉଚ୍ଚ ଏବଂ ସ୍ତ୍ରୀକୁ ନୀଚବୋଲି ଦେଖାଇବାର ମାନସିକତା ହେତୁ ହୁଏ । ସ୍ତ୍ରୀର ସ୍ୱାଧୀନତାକୁ ଅନେକ ପୁରୁଷ ସହଜରେ ସ୍ୱୀକାର କରିପାରନ୍ତି ନାହିଁ, ତେଣୁ ପ୍ରତିହିଂସାପରାୟଣ ହୋଇ ଏହିପ୍ରକାରର ଅନୈତିକ କାର୍ଯ୍ୟ ସବୁ କରନ୍ତି ।

ଯଦି ବଳାତ୍କାର ହେଉଛି ତା'ହେଲେ ମହିଳାମାନଙ୍କୁ ଆତ୍ମରକ୍ଷା ହେତୁ ପିସ୍ତଲ ଦେଇଦେଲେ କେମିତି ହୁଅନ୍ତା? ନା, ଆମେ ନିଜେ ଦେଖୁଛୁ ଯେ ଆମେରିକା ପରି ଦେଶରେ ବନ୍ଧୁକର ବହୁଳ ବ୍ୟବହାର ଫଳରେ କେଉଁ ପ୍ରକାରର ଅସୁବିଧାମାନ ଦେଖାଯାଉଛି, ତେଣୁ ଏହା ଏକ ସୁଦୂରପ୍ରସାରୀ ବ୍ୟବସ୍ଥା ହୋଇନପାରେ ।

ବଳାତ୍କାରୀକୁ ସମାଜକୁ ସମର୍ପିଦେବା ଉଚିତ, ଉତ୍ୟକ୍ତ ଲୋକମାନେ ତାହାର କଥା ବିଚାର କରିବେ । ଏହା ଅନୁଚିତ । କାରଣ ଉତ୍ୟକ୍ତ ଜନତାଙ୍କ କୌଣସି ମାନସିକତା ନଥାଏ, ତେଣୁ ହିଂସା ବଶତଃ ସେମାନେ ପୁରୁଷ ସହିତ ସ୍ତ୍ରୀମାନଙ୍କୁ ମଧ୍ୟ ଆକ୍ରମଣ କରିପାରନ୍ତି ।

ସାଉଦୀ ଆରବ ପରି ଆମ ଦେଶରେ ମଧ୍ୟ କଡ଼ା ଆଇନବ୍ୟବସ୍ଥା କଲେ ବଳାତ୍କାର ଘଟଣା କମ ହୋଇପାରିବ । ନା, ଏହା ଦ୍ୱାରା ମହିଳାମାନେ ସ୍ୱଚ୍ଛନ୍ଦରେ ରହିପାରିବେ ନାହିଁ । ଯଦିଓ ସେଇ ଦେଶରେ ଆଇନ ବ୍ୟବସ୍ଥାରେ ବଳାତ୍କାର ପରି ଦୋଷପାଇଁ ମୃତ୍ୟୁଦଣ୍ଡର ବ୍ୟବସ୍ଥା ରହିଛି, କିନ୍ତୁ ମହିଳାମାନଙ୍କ ସ୍ୱାଧୀନତା ନାହିଁ । ଏବଂ ମୃତ୍ୟୁଦଣ୍ଡ ଥିବା ସତ୍ତ୍ୱେ ବଳାତ୍କାର ପରି ଘଟଣା କମ ହୋଇନାହିଁ ।

ଡିସେମ୍ବର ମାସରେ ଦିଲ୍ଲୀରେ ହୋଇଥିବା ଅମାନବୀୟ ବଳାତ୍କାର ଘଟଣାପରେ ଦାବୀ ଉଠିଥିଲା ଯେ ବଳାତ୍କାରୀମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ । ଏହା ଦ୍ୱାରା ଅନେକ ଦୋଷୀଙ୍କୁ ଦଣ୍ଡାଦେଶ ଦେବାପୂର୍ବରୁ ବିଚାରପତିମାନେ ଅଧିକ ସମୟ ନେଇଯିବେ । ଏବଂ ଅନେକ କ୍ଷେତ୍ରରେ ଦୋଷୀ ସାବ୍ୟସ୍ତ ହେବାପାଇଁ ଯଥେଷ୍ଟ ପ୍ରମାଣ ଅଭାବକୁ ଦେଖି ଛାଡ଼ିଦିଆଯିବ । ଏବଂ ବଳାତ୍କାର ପରି ଘୃଣ୍ୟ କର୍ମ କରୁଥିବା ବ୍ୟକ୍ତିକୁ ମୃତ୍ୟୁଦଣ୍ଡ ଦେବା ଅର୍ଥ ତାକୁ ମୁକ୍ତି ଦେଇଦେବା ସହ ସମାନ ହେବ । ତେଣୁ ବଳାତ୍କାର ପରି କର୍ମ କରୁଥିବା ଦୋଷୀମାନଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ଦେବା ଉଚିତ ହେବ । ବିନା ପାରୋଲରେ ଏହି ଅପରାଧୀମାନଙ୍କୁ ଦଣ୍ଡ ଦେବାଦ୍ୱାରା ଆଜୀବନ ସେମାନେ ନିଜ କୃତକର୍ମପାଇଁ ପଶ୍ଚାତାପ କରିବେ ଏବଂ ଏହା ସମାଜରେ ଏକ ଉଦାହରଣ ସୃଷ୍ଟିକରିବ ଯାହାଦ୍ୱାରା ବଳାତ୍କାର ପରି କାମ କରିବାପାଇଁ କେହି ସାହାସ କରିବେ ନାହିଁ ।

ବଳାତ୍କାର ଏକ ଘୃଣ୍ୟ ମାନସିକତା । ସମାଜରୁ ଏହାକୁ ଦୂର କରିବାକୁ ହେଲେ ଆମକୁ ମାନସିକ ସ୍ତରରେ ସୁସ୍ଥ ହେବାକୁ ପଡ଼ିବ । ନାରୀ ସ୍ୱାଧୀନତା ଏବଂ ନାରୀ ସଶକ୍ତିକରଣକୁ ଆପଣେଇବାକୁ ପଡ଼ିବ । ମହିଳାମାନେ ବି ଆମ ସମକକ୍ଷ ସମ୍ମାନର ଅଧିକାରିଣୀ ବୋଲି ମାନିବାକୁ ପଡ଼ିବ ।


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ସେଇ ବୁଢ଼ା ଲୋକ ଜଣକ



ସୁଷମା ତ୍ରିପାଠୀ

ସେତେବେଳେ ଆମେ ଥାଉ କଟକରେ । ମୁଁ ପଢୁଥାଏ ଅଷ୍ଟମ କିମ୍ବା ନବମ ଶ୍ରେଣୀ ରେ । ସେଦିନ ଖବର କାଗଜର ପୃଷ୍ଠା ମଣ୍ଡିତ କରିଥିଲା , ଯେଉଁ ସମ୍ବାଦ ଟି , ତାହା ଥିଲା ' ପୁର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରିଂକ ଅନ୍ତିମ ଯାତ୍ରା ' । ଘରେ ବାପା ବୋଉ ସେଇ ବିଷୟରେ ଅଲୋଚନା କରୁଥିଲେ , କାହିଁକି କେଜାଣି ମୁଁ ହଠାତ୍ ବାପାଂକୁ ପଚାରିଲି ,"ବାପା , ଅନୁଗୁଳରେ ଯେଉଁ ବୁଢ଼ା ହୋଇ ଲୋକ ଜଣକ ଆମ ଘରକୁ ଆସୁଥିଲେ ସେ କଣ ନବକୃଷ୍ଣ ଚୌଧୁରୀ ?" ବାପା ମୋର ବର୍ଣ୍ଣନା ଶୁଣିବା ପରେ ମୋତେ ହଁ କହିଥିଲେ ।

ମୋର ମାନସପଟ ରେ ଭାସି ଉଠିଲା ପିଲା ଦିନର ସେଇ ସ୍ମୃତି । ସେତେବେଳେ ବାପା ଅନୁଗୋଳ ସରକାରୀ ମହାବିଦ୍ୟାଳୟ ରେ ଅଧ୍ୟାପକ ଥିଲେ । ମୋତେ ପାଖାପାଖି ଆଠ /ନଅ ବର୍ଷ ହେବା ପର୍ଯ୍ୟନ୍ତ ଆମେ ଅନୁଗୋଳ ରେ ରହିଥିଲୁ । ମୋର ଶୈଶବ ର ଅନୁଭୁତିରେ ପୁର୍ଣ ଏହି ସହରଟି । ଆମ ଘର ସାମ୍ନାରେ କିଛି ଜାଗା ଥାଏ ,ତାକୁ ଛାଡି ରାସ୍ତା,ରାସ୍ତା ସେପଟରେ ,ମୁଁ ପଢୁଥିବା ଅନୁଗୋଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଖେଳ ଛୁଟି ହେଉ ବା ସ୍କୁଲ୍ ଛୁଟି ହେବା ପରେ ଭାତ ଗଣ୍ଡେ ଖାଇ ଦେଇ ସାଂଗମାନେ ମିଶି କୁଆଡେ ନାଇ କୁଆଡେ ବୁଲୁଥିଲୁ । ସେତେବେଳେ କାହାର ଆକଟ ଆମକୁ ଅଟକାଇ ରଖିପାରୁନଥିଲା । ରାସ୍ତା ଉପରେ ଆମ୍ବ ଗଛ ହେଉ ବା କାହା ଘରେ ପିଜୁଳି ଗଛ ହେଉ , ଟେକା ପକାଇ ଫଳ ତୋଳିବାର ଆନନ୍ଦ ଗୋଟାଏ ନିଆରା ଥିଲା । ଘର ପାଖରେ ଛୋଟ ପାହାଡଟିଏ ଥାଏ (ଅବଶ୍ୟ ସେତେବେଳେ ତାହା ମୋତେ ବେଶ୍ ବଡ ଲାଗୁଥିଲା ), ସାନ ଠାରୁ ବଡ ସମସ୍ତେ ଯାଇ ସେଠି ଖେଳୁଥିଲୁ । କିଛି ଦୁରରେ ଆଶ୍ରମ ଟିଏ ଥାଏ , ସେଠି ଥାଏ ନାନା ଜାତିର ଫୁଲ ଫଳ ଗଛ । ସୁବିଧା ପାଇଲେ , ସେଠାକୁ ଯାଇ ଆମ୍ବ, ଲଂକାଆମ୍ବ, ପିଜୁଳି ତୋଳିବା ପାଇଁ ଗଛ ଉପରକୁ ଟେକା ପକାଉ ,ଆଉ ଯଦି କାହାର ପାଟି ଶୁଭେ , ଦୌଡି ପଳାଉ ।

ସେଇ ଚେହେରାଟି ମୋ ଆଖି ଆଗରେ ଝଲସି ଯାଉଛି ,ଡେଂଗା ହୋଇ ଗୋରା ହୋଇ ଜଣେ ବୁଢା ଲୋକ ,ବାଳ ପାଚି ଯାଇଥାଏ ,ଆଖିରେ ଚଷମା। ,ପିନ୍ଧିଥାନ୍ତି ହାତ ବାଲା ଗଂଜୀ ,ଆଉ ଧୋତି ପିନ୍ଧି ଥାନ୍ତି ଆଣ୍ଠୁ ଉପରକୁ ,ପାଦରେ ଥାଏ ଚପଲ୍। କେତେବେଳେ କେତେବେଳେ ସେ ଆମ ଘରକୁ ଆସନ୍ତି ।ମୋ ପାଖରେ ତାଂକର କୌଣସି ବିଶେଷ ପରିଚୟ ନ ଥିଲା ,ଆମ ଘରକୁ ଆସୁଥିବା ବିଭିନ୍ନ ଲୋକ ମାନଂକ ଭିତରୁ ସେ ଥିଲେ ଜଣେ ।ତେବେ ଦୁଇ ତିନୋଟି ଘଟଣା ଛାଡି ଦେଲେ ମୋର ଆଉ ବିଶେଷ କିଛି ତାଂକ ବିଷୟରେ ମନେ ନାହିଁ ।

ଥରେ ଆମେ ବାପାଂକ ସାଂଗରେ ତାଂକ ଆଶ୍ରମକୁ ଯାଇଥିଲୁ ,ଆମକୁ ଦେଖି ସେ ଭାରି ଖୁସି ହୋଇ ନିଜେ ଆଣି ,ଆମ ବସିବା ପାଇଁ ଆସନ ପକାଇ ଦେଇଥିଲେ ।ସେ ମୁହୁର୍ତରେ ତାଂକ ମୁହଁରେ ଖୁସି ଆଉ ହସ ଆଜି ବି ମୋ ମାନସପଟରେ ଜୀବନ୍ତ ହୋଇ ରହିଛି । ସେତେବେଳେ ସେତିକି ବୁଝିପାରିବା ଭଳି ଜ୍ଞାନ ମୋର ନଥିଲା ଯେ ,ଯେଉଁ ଆଶ୍ରମକୁ



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଆମେ ସାଂଗମାନେ ଆମ୍ବ ,ପିଜୁଳି ତୋଳିବାକୁ ଧାଇଁ ଯାଉଥିଲୁ ,ଏଇଟା। ସେଇ ଆଶ୍ରମ ।ଆଉଥରେ ମୁଁ ଆମ ଘର ଆଗରେ ଏକା ଏକା ଖେଳୁଥିଲି ,ସେ ଆମ ଘର ଆଡେ ଆସୁଥିବାର ଦେଖି ଭାବିଲି ,ବୋଧହୁଏ ଆମ ଘରକୁ ଆସୁଛନ୍ତି ,କିନ୍ତୁ ମୋତେ ଟପି ସେ ଆଗକୁ ଆଗେଇ ଚାଲିଲେ ।ଆଉ କାହା ଘରକୁ ଚାଲିଯାଉଛନ୍ତି ଭାବି,ବୋଧହୁଏ ମୋ ପିଲା ମନରେ କିଛିଟା ଇର୍ଷା। ଜାତ ହୋଇଥିଲା ,ମୁଁ ସଂଗେ ସଂଗେ ଘର ଭିତରକୁ ଦୌଡି ଯାଇ ବାପାଂକୁ କହିଲି ,''ବାପା ବାପା ସିଏ ଆମ ଘରକୁ ନ ଆସି ଆଉ କାହା ଘରକୁ ଚାଲି ଯାଉଛନ୍ତି "।ବାପା ହଠାତ୍ ବୁଝି ପାରିଲେନି ,ତା ପରେ ମୋ ଠାରୁ ସବୁ ଶୁଣିବା ପରେ କହିଥିଲେ "ନା' ରେ ମା ,ସେ ଆମ ଘରକୁ ଆସୁଛନ୍ତି "।ଏତିକି କହି ବାପା ଘରୁ ବାହାରି ଆସିଲେ ।ସେତେବେଳକୁ ସେ ବୁଢାଲୋକ ଜଣକ ବେଶ୍ କିଛି ବାଟ ଆଗକୁ ଚାଲିଗଲେଣି ।ବାପା ଚପଲଟି ପିନ୍ଧିଦେଇ ତାଂକ ପଛେ ପଛେ ଯାଇ ତାଂକୁ ଡାକି ଆଣିଥିଲେ ।ତେବେ ସେ ବାପାଂକୁ କହୁଥିଲେ ,ଆଖିକୁ ଭଲ ନ ଦେଖାଯିବା ହେତୁରୁ ସେ ଆଗକୁ ଚାଲିଯାଇଥିଲେ ।ଆଜି ତିରିଶ ବର୍ଷ ପରେ ମଧ ,ଏହି ଘଟଣାଟି ମୋ ଆଖି ଆଗରେ ନାଚି ଯାଉଛି । ବାଲ୍ୟ କାଳର ସେଇ ଅନୁଗୋଳ ସହର ,ମୋର ପ୍ରିୟ ସହର ।ସେଠିକାର ବୁଢୀ ଠାକୁରାଣୀ ମନ୍ଦିର ,ମନ୍ଦିର ନିକଟସ୍ଥ ଜଳାଶୟ ,ଯେଉଁଠିକି କାର୍ତ୍ତିକ ପୂର୍ନିମା ଦିନ ଆମେ ଡଂଗା। ଭସାଇବାକୁ ଯାଉ ,ଆମ ଘର ,ଘର ଆଗରେ ଥିବା ସେଇ ପାହାଡ ,ମୋର ସ୍କୁଲ୍ ,ଶିକ୍ଷକ ,ଶିକ୍ଷୟତ୍ରୀ ,ବାଲ୍ୟ କାଳର ସାଂଗ ସାଥୀ ମାନେ ,ଏ ସବୁ ମୋ ଜୀବନର ପ୍ରଥମ ଅନୁଭୁତି ପ୍ରଥମ ସ୍ମୃତି ।ଆଜି ବି ସେଇ ସ୍ମୃତି ମୋ ମନରେ ଶିହରଣ ଆଣିଦିଏ ।

କିନ୍ତୁ ଯେଉଁ ଦିନ ଜାଣିଲି ,ସେଇ ବୁଢା ଲୋକ ଜଣକ "ନବକୃଷ୍ଣ ଚୌଧୁରୀ "ଓଡିଶାର ପୁର୍ବତନ ମୁଖ୍ୟମନ୍ତ୍ରୀ ,ସେଦିନ ଅନୁଗୋଳ ସହର ମୋ ଆଖିରେ ପାଲଟିଗଲା ଏକ ତୀର୍ଥକ୍ଷେତ୍ର ।ଧିରେ ଧିରେ ତାଂକ ବିଷୟରେ ବହୁତ୍ କିଛି ପଢିବାର ସୁଯୋଗ ମିଳିଲା ତାଂକ ଜୀବନୀ ବିଷୟରେ ଯେତିକି ଯେତିକି ଜାଣିବାକୁ ସୁଯୋଗ ମିଳିଲା ,ପୁର୍ବ ସ୍ମୃତି ସେତିକି ତାଜା ହେବାକୁ ଲାଗିଲା ।

ଯେତେବେଳେ ଜାଣିଲି ,ଯେଉଁ ହେଲିକେପଟର୍ କୁ ଦେଖିବା ପାଇଁ ଆମେ ଧାଉଁଥିଲୁ,ତାର ଆରୋହୀ ମାନଂକର ଗନ୍ତବ୍ୟ ଲକ୍ଷ ଥିଲେ ,ମୋର ସେହି ତଥାକଥିତ ଧୋତିପିନ୍ଧା ବୁଢା ଲୋକ ଜଣକ ,ସେତେବେଳେ ବାଲ୍ୟ କାଳର ସେହି ଅଗ୍ୟାନତା।କୁ ବୋଧ ଦେଇପାରେ ନାହିଁ ।ବିଶ୍ବାସ କରି ହୁଏନି ,ଜଣେ ପୁର୍ବତନ ମୁଖ୍ୟମନ୍ତ୍ରୀ ,ଜମିଦର୍ ଘରର ପିଲା ,ସେ ପୁଣି ବିତାଉ ଥିଲେ ଏପରି ସରଳ ଓ ନିରାଡମ୍ବର ଜୀବନ ।କେବଳ ସରଳ ଓ ନିରାଡମ୍ବର ଜୀବନ ବିତାଉନଥିଲେ,ସେ ଥିଲେ କେତେ ଅସହାୟ ଜୀବନର ସହାୟ ।ବହୁ ଆଦିବାସୀ ଓ ଅନାଥ ପିଲାମାନଂକ ପାଇଁ ସେ ଗଢିଥିଲେ ବାଜୀରାଉତ ଛାତ୍ରାବାସ । ବିଭିନ୍ନ ସ୍ଥାନ ରୁ ପିଲାମାନେ ଆସି ଏଠି ରହି ପାଠ ପଢୁଥିଲେ ।ଗର୍ଭବତୀ ମହିଳା ମାନଂକର ପ୍ରସୁତି ସୁବିଧା ନିମନ୍ତେ ଆଶ୍ରମରେ ପିଲା ଜନ୍ମ ହେବାର ବ୍ୟବସ୍ଥା ଥିଲା ,ମୋ ସାନଭାଇ ସେଇଠି ଜନ୍ମ

ହୋଇଥିଲା ।ତା ଛଡା ଅସହାୟ ନିପିଡିତ ବ୍ୟକ୍ତି ବିଶେଷଂକ ପାଇଁ ମଧ୍ଯ ଆଶ୍ରମରେ ସ୍ଥାନ ଥିଲା ।ସେ ଥିଲେ ଏପରି ଏକ ମହାଦୃମ ,ଯାହାଂକୁ ଆଶ୍ରୟ କରି ଜୀବନରେ ଆଗକୁ ବଢିବା ଶିଖୁଥିଲେ ସମାଜର କିଛି ନିରାଶ୍ରୟ ,ଆଉ ସେହି ଦୃମର ଛାଇରେ ଥକ୍କା ମେଂଟାଇ ନେଉଥିଲେ ଜୀବନ ରାସ୍ତାରେ ଚାଲୁଥିବା କିଛି ପଥିକ ।

ଥରେ ତାଂକ ବିଷୟରେ ପଢିଥିଲି,ସେ ତଥା ତାଂକ ପରିବାର)ଗୋପବନ୍ଧୁ ଚୌଧୁରୀ ,ରମା ଦେବୀ ,ମାଳତୀ ଦେବୀ (ଯେଉଁଠି ରହୁଥିଲେ ,ସେଠାରେ ଆଶ୍ରମଟିଏ ଗଢିତୋଳୁଥିଲେ।ଉଦ୍ଦେଶ୍ୟ ଥିଲା ସମାଜରେ ଥିବା ଅନୁନ୍ନତ ଶ୍ରେଣୀ ର ଲୋକଂକୁ କିଭଳି ଧିରେ ଧିରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିହେବ ମନ କହୁଛି ,ଆହା,ସେତେବେଳେ ମୁଁ ଆଉ ଟିକିଏ ବଡ ହୋଇଥାନ୍ତି କି ,ତାଂକ ସଂଗେ ଟିକିଏ ମିଶିବାର ସୁଯୋଗ ପାଇଥାନ୍ତି ।ସ୍ୱାଧୀନତାର ଷାଠିଏ ବର୍ଷ ପରେ ଆଜି ଆମେ ଖୋଜୁଛୁ ,ସ୍ୱାଧୀନତାର ପ୍ରଭାବ ,କାହିଁଗଲା ,ସେ ତ୍ୟାଗ ,ସେ ମମତା ,ସେ ମୂଲ୍ୟବୋଧ ।ସେ ପାଦଧୂଳି କୁ ମୁଣ୍ଡରେ ମାରି ଆଜି ଆମେ ଶିଖିଚୁ କଣ ?

ଭାବିବସିଲେ ଭାବନାର ଖିଅ ସରୁନାହିଁ ;ସତରେ ଏଭଳି ତ୍ୟାଗ ଓ ମମତାର ଜ୍ବଳନ୍ତ ନିଦର୍ଶନ ,ଆମରି ଭଳି ଏକ ରକ୍ତ ମାଂସ ର ଶରୀର ତ ?ସେ ଚେହେରା,ସେ ମୁହଁ ମୋ ଆଗରେ ନାଚି ଯାଉଛି ,ମୋ ଭିତରେ ସୃଷ୍ଟି କରିଚାଲିଛି ଅସରନ୍ତି ପ୍ରଶ୍ନର ଲହରୀ ।



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଅଷ୍ଟମ ବର୍ଷ, ଚତୁର୍ଥ ସଂଖ୍ୟା
ମଇ ୨୦୧୩



# ସ୍ମୃତି ତୁମେ



ମମତା ପଟ୍ଟନାୟକ

ସ୍ମୃତି ତୁମେ
ଏକ ଅପହଞ୍ଚ ମରୀଚିକା
ସୃଷ୍ଟିକରି ଅହରହ ପ୍ରତ୍ୟହ
ମୋ ପାଇଁ
ମୋ ଚୌହଦୀରେ
ଏକ ଶ୍ୟାମଳ ପୃଥିବୀ ଇନ୍ଦ୍ରଧନୁପରି ସୁନ୍ଦର
ଅତି ସୁନ୍ଦର |

ସ୍ମୃତି ତୁମେ
ଏକ ଅନବଦ୍ୟ ଆକର୍ଷଣ
ବାହିନିଅ ମୋତେ ମୋ ଠାରୁ ଦୂରକୁ,
ଅନେକ ଦୂରକୁ
ଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ
ଉତ୍ସୁକ ମନ ମୋର ଖୋଜୁଥାଏ କେଉଁ ଏକ
ମୁଗ୍‌ଧାନୁଭବ
ବିମର୍ଷ ହୁଏ ଆପେ ଆପେ ବୁଝିଗଲେ
ତୁମ ମରୁତୃଷାର ରୂପ |

ସ୍ମୃତି ତୁମେ
ମୋ ମନର ଏକ ଅନୁଢ଼ା ଅଙ୍କୁରଣ
ବଢ଼ିଲା ବୟସକୁ ତାଳ ଦେଇ
ଶିଖେଇ ଦେଉଛ ଉଦାରତା, ବଢ଼େଇ ଦେଉଛ ସହିଷ୍ଣୁତା
କରିଦେଉଛ ସହନଶୀଳ
ବାଜିମାରି ସମୟକୁ ବଞ୍ଚିବାପାଇଁ
ଝାମ୍ପିନେଉଛ ମୋର ସମସ୍ତ ଆଳସ୍ୟ
ଗଣ୍ଠି ଛିଣ୍ଡାଇ
ମୋ ପଣତ କାନିରୁ |

ସ୍ମୃତି ତୁମେ
ମୋ ମନର ଏକ ଅଲେଖା ଇତିହାସ
ହାତଛଡ଼ା କରିନାହଁ ମୋତେ
ଧୁ ଧୁ ବୈଶାଖୀ ଖରାରେ, ଶ୍ରାବଣର ଝୁ ଝୁ ବର୍ଷା
ଅବା ହାଡ଼ଭଙ୍ଗା ମାଘୁଆ ଶୀତରେ
ବରଂ ଭରି ଦେଇଛ ଅମାପ ଶକ୍ତି ବଞ୍ଚିବାକୁ
ଭିନ୍ନ ଭାବେ ମୋର
ଅବଶିଷ୍ଟ ଜୀବନ |



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ମୁଁ ଈଶ୍ବରଙ୍କୁ ଡରେ

ଉତ୍ତମାଶା ମହାପାତ୍ର

କରିନଥିବା ପାପର ଗ୍ଲାନିରେ, ଭୋଗିନଥିବା କ୍ଲେଶର ଆତଙ୍କରେ
ପ୍ରତିକ୍ଷଣ ଜିଇଁ ଜିଇଁ ମରେ, ମୁଁ ଈଶ୍ବରଙ୍କୁ ଡରେ
ହୃଦୟର ଦୀପାଳିରେ ପ୍ରେମ ଅର୍ଘ୍ୟଦେଇ
ମନ ମନ୍ଦିରରେ ମୋ ପ୍ରଭୂଙ୍କୁ ସଜାଇ
ଶ୍ରୀଚରଣେ ନିତି ଆଞ୍ଜୁଳାଏ ପ୍ରୀତିପୁଷ୍ପ ଭରେ
ତଥାପି, ମୁଁ ଈଶ୍ବରଙ୍କୁ ଡରେ
ପଥଶ୍ରାନ୍ତ ପଥିକକୁ ଜଳମୁନ୍ଦେ ଦେଇ
ଛିଣ୍ଡାଜାମା ପିନ୍ଧି ପେଟପିଠି ଲାଗିଥିବା ଶିଶୁଟି ହାତରେ
ଦଶଟଙ୍କା ଦେଇ ମୋ କର୍ତ୍ତବ୍ୟ ସାରେ |
ମୁଁ ଈଶ୍ବରଙ୍କୁ ଡରେ
ମୋ ଚାରିପାଖ ପୃଥିବୀର ଭଲମନ୍ଦ ଅନ୍ତର୍ଦ୍ବନ୍ଦ ଭିତରେ
ସମ୍ପର୍କର ଅଡୁଆ ଖିଅରେ, ଜୁଟୁଥାଏ ନିଜ ସଙ୍ଗେ ନିଜେ
ଈର୍ଷା, ଛଳନା ଓ ପ୍ରତାରଣାର ବଳୟରେ
ସେ ପାଇଁ ମୁଁ ଈଶ୍ବରଙ୍କୁ ଡରେ
କଣ୍ଟକିତ ପଥଧାରେ, ଅମୃତର ଅନ୍ବେଷରେ
ସଂସାରର ସବୁ ହଳାହଳ ଘାସ ଫୁଲପରି
ମଉଳି ଯାଆନ୍ତି ଦୃଢ଼ ପଦଚଳନରେ
ପାଇନାହିଁ ଯାହା ନିଶ୍ଚୟ ପାଇବି ମନେ ମୋ ବିଶ୍ବାସ ଭରେ
କିନ୍ତୁ ଜାଣେନା କାହିଁକି ମୁଁ ଈଶ୍ବରଙ୍କୁ ଡରେ
ଜୀବନର ଚଲାପଥେ ଭୁଲଠିକ ଅଙ୍କ କଷୁ କଷୁ
ଅପ୍ରାପ୍ତିର ଯନ୍ତ୍ରଣାରେ ସୁଖ ସ୍ବପ୍ନପଛେ ଧାଇଁ ଧାଇଁ
ଅନେକ ସମ୍ଭାବନାର ଆଶା ଦେଇ
ଦଗାବାଜ୍ ସମୟ ମୋ ସାରେ
ସତରେ ମୁଁ ଈଶ୍ବରଙ୍କୁ ଡରେ...........



ଆହ୍ବାନ ଇ-ପତ୍ରିକା ଏବଂ ଆହ୍ବାନ ଓଡ଼ିଆ ପରିବାର ଦ୍ବାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ବାରା ପ୍ରକାଶିତ

# ମା ମନକଥା



ସୁନୀଲ ମିଶ୍ର

ମୁଖ୍ୟମନ୍ତ୍ରୀ ହେ, ଏତିକି ମିନତୀ ଶୁଣିବା ହେଉ
ପେଟରେ ମୋ ଅଛି ପୁଅ ଅବା ଝିଅ
ତୁମ ଆଦେଶରେ ଡାକ୍ତରାଣୀ କହିଦେଉ !
ପୁଅ ଅଛି ଯଦି ଭଲରେ ଭଲରେ ଥାଉ
ଆୟୁଷ ମୋ ଯେତେ ନେଉ
ଯାହା ପଛେ ହେଉ ଭଲରେ ଜନମ ହେଉ
ଝିଅ ଥିବ ଯଦି କି ଅବା କହିବି ଆଉ
ଭୃଣହତ୍ୟା ପଛେ ହେଉ,
ସେଇ ଡାକ୍ତରାଣୀ କଥା ମୋର ମାନି
ଜନମ ଆଗରୁ ଡିସମିସ୍ କରିଦେଉ !!

(ସିଏ) କାହିଁକି ଜନମ ନେବ
ତା ବାପା ମନ ଭାଙ୍ଗିଯିବ
ଶାଶୁଠୁ ଶ୍ବଶୁର, ନଣନ୍ଦ ଦିଅର
ଝିଅ ଜନ୍ମପାଇଁ ମୋତେ ଦୋଷ ଦେବେ
ବିଜ୍ଞାନ କିଏ ବୁଝିବ ?
ଝିଅ ଜନ୍ମେ କେତେ ଯନ୍ତ୍ରଣା ରହିଛି
ମାଆଟିଏ ଏକା ସେ ସବୁ ବୁଝିଛି
ସହି ସହି ଦୁଃଖ, କଷ୍ଟ ଅବହେଳା
ଯହୁଁ ଯହୁଁ ବଡ଼ ହେବ
ପୁରୁଷ ରାକ୍ଷସ ଲୋଲୁପ ଦୃଷ୍ଟିରେ
ଯାଉ ଆସୁ ଝୁଣିହେବ !!

ଭଲେ ଭଲେ ଯଦି ପରଘର ଯିବ
ସେଥିରେ ବି କିବା ଲାଭ
ଯୌତୁକ ଜ୍ବାଳାରେ ନିତି ଜଳୁଥିବ
କେବେ ପୋଡ଼ିହେବ କେବେ ବୁଡ଼ିଯିବ
ନହେଲେ ମୋ ପରି ମରି ମରି ବଞ୍ଚୁଥିବ !
ତୁମେ ଯୋଜନା କଲଣି ଯେତେ
କେବେ ଦେଖିଛ କି ସୁରକ୍ଷା ମିଳୁଛି କେତେ ?
ସେଥିପାଇଁ ପରା ଝିଅ ମୁଁ ଚାହୁଁନି
ପୁଅ ଟିଏ ଲୋଡ଼ା ମୋତେ....

ସବୁ ଶୁଣି ମୁଖେ ଭାଙ୍ଗିଦେଲେ ନିଜ ଆଇନି
ଅଲ୍ଟ୍ରା ସାଉଣ୍ଡ୍ ରିପୋର୍ଟ୍ ଦେବାକୁ
ଲେଖା ପଠାଇଲେ କାଗଜରେ ମାରି ସାଇନି;
କହିଲେ ମାଆଲୋ, ଯେତେ ଯାହା କଲେ
ମହିଳା ସୁରକ୍ଷା ଜମା ସଫିସେଣ୍ଟ୍ ହଉନି
ନିଜ ଶାସନରେ ତଳଠୁ ଉପର
କାହାକୁ ଭରସା ପାଉନି;
ସବୁ ଚିହ୍ନା ମୁହଁ, କାହାକୁ କରିବି ଫାଇନି?
ସେଥିପାଇଁ ପରା ସବୁକିଛି ଥାଇ
ଆଜିଯାଏ ବାହା ହେଇନି !!



ଆହ୍ବାନ ଇ-ପତ୍ରିକା ଏବଂ ଆହ୍ବାନ ଓଡ଼ିଆ ପରିବାର ଦ୍ବାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ବାରା ପ୍ରକାଶିତ




## ଧାରାବାହିକ କାହାଣୀ

# ବାବୁଭାଇଙ୍କ ନିଜ କଥା

ଦ୍ୱିତୀୟ ଭାଗ



ଅରବିନ୍ଦ ଆଚାର୍ଯ୍ୟ

(ପୂର୍ବ ପ୍ରକାଶିତ ଉତ୍ତାରୁ...)

'ଯଦି ତୁମେ ମୋତେ ସାନ ଭଉଣୀ ପରି ଦେଖିବ ତା ହେଲେ ମୁଁ ବି ତୁମକୁ ବଡ଼ଭାଇ ପରି ସମ୍ମାନ ଦେବି । ଆଶା କରୁଛି ଏହି ସମ୍ପର୍କ ସବୁବେଳେ ରହିବ । ତୁମେ ବହୁତ ଭଲ ଚିତ୍ର କରିପାରୁଛ ।'

ମୋ ଛାତି କୁଣ୍ଢେ ମୋଟ ହୋଇଗଲା । ମନେହେଲା ଯେମିତି ମୁଁ ଗଡ଼ ଜିଣିଛି । ଆଚ୍ଛା କଣ ସତରେ ଏମିତି ଲାଗେ ? ନା ମୁଁ ମାୟାମୋହର ଜାଲରେ ଜାଣିଶୁଣି ଛନ୍ଦି ହେଉଛି?

ଯା ଭିତରେ ଅନେକ ଦିନ ବିତିଗଲା । ଆମେ ଦୂରରେ ଥିଲେ ମଧ୍ୟ ଯେମିତି ଲାଗୁଥାଏ ଆମେ ପରସ୍ପରକୁ ବହୁ ଦିନରୁ ଜାଣିଛୁ । ଯେମିତି ସବୁକିଛି ସ୍ବାଭାବିକ । ଏଠିକୌଣସି ଅସ୍ୱାଭାବିକତାର ଚିହ୍ନବର୍ଣ୍ଣ ନାହିଁ । ତଥାପି ମଧ୍ୟ ମୁଁ ଏଡ଼େ ଅଭାଗା ଯେ ତା'ର ମୁହଁଟିକୁ ଥରେ ବି ଦେଖିପାରିନଥିଲି । ମନେ ମନେ ଯାହାକୁ ମୁଁ ଏତେ ନିଜର ବୋଲି ମନେ କରୁଛି ସେ ଝିଅଟିକୁ ମୁଁ ଦେଖିନି କି ଚିହ୍ନିନି । କଥାଟା ଅସଂଗତ ବୋଧ ହେଲା । ଦିନେ ହଠାତ୍ ଆମ ଘରକୁ କୁନି ଆଉ ତା ସହ ଦୁଇତିନିଜଣ ଆସିଲେ ପାଣି ନେବାକୁ । ତଥାପି ମୁଁ ତା ମୁହଁକୁ ଚାହିଁ ପାରିଲି ନାହିଁ । ସେ ମଧ୍ୟ ଶୀଘ୍ର ଶୀଘ୍ର ପାଣି ନେଇ ଚାଲିଗଲା । ଏହିପରି ଅଦେଖା ମୁହଁ ଅଦେଖା ହୋଇ ରହିଗଲା । କାହିଁକି ମୁଁ ଏତେ ଉତ୍କଣ୍ଠିତ ହେଉଥିଲି, ମୁଁ ନିଜେ ମଧ୍ୟ ଜାଣିପାରୁନଥିଲି । କଣ ମୁହଁଟା ମନୁଷ୍ୟର ଭଲ ପାଇବାର ମାପକାଠି ? କଣ ଜଣକର ମୁହଁ ଯଦି ଖରାପ ତାକୁ କେହି ଭଲପାଇବେନି ? ନା ମୁହଁଟା ସବୁବେଳେ ସୁନ୍ଦର କିମ୍ବା ଅସୁନ୍ଦର ହୋଇ ରହିଥିବ । ସୁନ୍ଦରତା କଣ ଚିରସ୍ଥାୟୀ ? ସୁନ୍ଦରତା କଣ ବାହ୍ୟ ନୁହେଁ ଅନ୍ତରର ପ୍ରତିଛବି ? ଯାହାର ବାହାର ସୁନ୍ଦର ସେ କଣ ଭିତରେ ମଧ୍ୟ ସୁନ୍ଦର ?

କିନ୍ତୁ ମୁଁ ପୂର୍ବରୁ ଯେତିକି ମନସ୍ତତ୍ତ୍ୱ ବିଷୟରେ ଜାଣେ ସେହି ଅନୁସାରେ ଜଣେ ପୁରୁଷ ପ୍ରଥମେ ଜଣେ ନାରୀର ମୁହଁକୁ ଦେଖେ, ଏହା ପ୍ରମାଣିତ ହେଉଥିଲା ମୋ ପାଖରେ ।

ଏହାପରେ ଦିନେ ଗୋଟେ ବିଷୟରେ ଲେଖିଦେବାପାଇଁ ଖାତାଟିଏ ପଠାଇଲା କୁନି । ମୁଁ ସେଥିରେ ତା ଫର୍ମାଇସ ବିଷୟଟି ଲେଖିଲି ଓ ତା ସହ ମୋ ମନକଥା କିଛି ଲେଖିଲି, ଏମିତି;

ସ୍ନେହର କୁନି

ମୋର ସ୍ନେହ ନେବୁ । ମୁଁ ତ ତତେ କେବଳ ଥରେ ଦେଖିବାକୁ ଚାହୁଁଥିଲି । ତୁ ମତେ ନେଇ ଏତେ ବଡ଼ ଭାଇ ଆସନରେ ବସାଇ ଦେଲୁ । ହଉ, ରାକ୍ଷୀ ପୂର୍ଣ୍ଣିମାକୁ ରାକ୍ଷୀ ପଠାଇବୁ ତ ?

ତୋର

ବାବୁଭାଇ

ତା'ପରେ ମୋର ଚାକିରୀରେ ଯୋଗଦାନ କରିବାପାଇଁ ପତ୍ର ଆସିଯାଇଥିଲା ।

ଏହି ସବୁ କଥା ଭାବୁ ଭାବୁ କେତେବେଳେ ଯେ ନିଦ ଲାଗିଗଲା ଜଣା ପଡ଼ିଲା ନାହିଁ । ଦୁଇଟି ଆତ୍ମାର ବନ୍ଧନ ଏତେ ନିବିଡ଼ ହୋଇଯୀବ ଏହା କଳ୍ପନା ମଧ୍ୟ ମୁଁ କରିନଥିଲି । କେତେଟି ଦିନର କଥା ମୋର ସ୍ମୃତି ପଟରେ ଅଲିଭା ଦାଗ ହୋଇ ରହିଗଲା ।

-ଦୁଇ-

ସକାଳୁ ସକାଳୁ ମୁଁ ବସରେ ବସୁଥିଲି, ଚାକିରୀ ଯାଗାକୁ ଯିବାପାଇଁ । ପାଞ୍ଚଶହ କିଲୋମିଟର ପାଖାପାଖି ରାସ୍ତା ପାର ହୋଇଯିବାକୁ ହେବ । ସାଥିରେ ଅବଶ୍ୟ ଜଣେ ଆତ୍ମୀୟ ଲୋକ ଥିଲେ । ତଥାପି ନୂଆଯାଗା । ଯାହା ହେଉ ଭଲରେ ଭଲରେ ଯାତ୍ରା ଶେଷ ହେଲା । ଆମେ ଲକ୍ଷ୍ୟସ୍ଥାନରେ ପହଞ୍ଚିଲା ବେଳକୁ ରାତି ବାରଟା । ଚିହ୍ନା ପରିଚୟ ଲୋକଙ୍କ ଘରେ ଆଶ୍ରୟ ନେଲୁ । ସକାଳ ହେବାପର୍ଯ୍ୟନ୍ତ ଆଉ ବିଶେଷ ଘଟଣା କିଛି ଘଟିନଥିଲା ।

ତା'ପରଦିନ ଅଫିସରେ ଯୋଗଦେଲି । ସବୁ ସହକର୍ମୀଙ୍କ ସହ ପରିଚୟ ହେଲା । ଖୁବ୍ ଆନନ୍ଦ ଲାଗିଲା । ଗାଁ ବୁଲି ଦେଖିଲି । ଚତୁଃପାର୍ଶ୍ଵରେ ମୁଣ୍ଡଟେକି ଠିଆ ହୋଇଥିଲେ ପାହାଡ଼ମାନେ । ଗାଁକୁ ଲାଗି ନଦୀ ମଧ୍ୟ କୁଳୁକୁଳୁ ହୋଇ ବହିଯାଉଥିଲା । ଗାଁର ନାଁଟା ମଧ୍ୟ ଖୁବ୍ ସୁନ୍ଦର । 'ପୁରୁଷୋତ୍ତମପୁର' । ମୋତେ ଛାଡ଼ିଦେଇ ଆତ୍ମୀୟଜଣକ ଚାଲିଗଲେ ।

ଗାଁ ପାଖକୁ ଲାଗି ଝାଟିଝାଟିକିଆ ଜଙ୍ଗଲ । ମାଙ୍କଡ଼ମାନଙ୍କ ପ୍ରାଦୁର୍ଭାବ ଏଠି ବେଶୀ ବୋଲି ଗାଁ ଲୋକଙ୍କ ପାଖରୁ ଶୁଣିବାକୁ ପାଇଲି । ନୂଆକରି ଏଠି ଆମର ଏଇ ଶାଖା କାର୍ଯ୍ୟାଳୟ ଖୋଲାଯାଇଛି । ଏଇ ଚାରିପାଞ୍ଚ ବର୍ଷର କଥା । ମୋତେ ମିଶେଇ ସବୁ ଦଶଜଣ କର୍ମଚାରୀ । ସମସ୍ତଙ୍କ ଘର ଏଇ ଗାଁ ପାଖରେ । କେବଳ ପତଳା ହୋଇଜଣେ ଭଦ୍ରବ୍ୟକ୍ତିଙ୍କ ଘର ଆମ ପାଖରେ ବୋଲି ସୂଚନା ପାଇଲି । ତାଙ୍କ ସହ ମିଶି ଜାଣିଲି ସିଏ ଏଠି ଦୁଇବର୍ଷ ହେଲା ଅଛନ୍ତି । ନାଁଟା ତାଙ୍କର 'ଶ୍ରୀବସ୍ତ ପତି' । ବୟସ ଅନ୍ଦାଜ୍ ଚାଳିଶି । ପିଲାପିଲିଙ୍କୁ ନେଇ ଅଫିସ ପାଖରେ ଘରଭଡ଼ା ନେଇ ରହୁଥାନ୍ତି ।

କଥାବାର୍ତ୍ତା ହେଉ ହେଉ ଆତ୍ମୀୟତା ବଢ଼ିଗଲା । ଭାରି ମେଳାପୀ ଲୋକ । ମୋର ସଂକୋଚତା ଦେଖି କହିଲେ -

'କଣ ଆପଣ ଏମିତି ହେଉଛନ୍ତି । ଚାକିରୀ କଲେଣି ପରା ! ଏଥର ଟିକେ ଖୋଲା ହେବେ ନା' ମୁଁ ସାମାନ୍ୟ ହସି ଦେଇ ତାଙ୍କ କଥାକୁ ହଁ ଭରିଲି । କିଛି ସମୟ ନିରବତା ପରେ ସେ ପଚାରିଲେ-

'ଆଉ କୋଉଠି ରହିବା କଥା ଠିକ୍ କଲେ?'

ମୁଁ କହିଲି - 'ବର୍ତ୍ତମାନ ସୁଦ୍ଧା କିଛି ଠିକ୍ କରିନି । ଆପଣମାନେ ଅଛନ୍ତି ମୋର ଆଉ କି ଚିନ୍ତା ?'

'ଆମ ଘର ପାଖରେ ଲାଗିଲାଗି କିଛି ଘର ଫାଙ୍କା ଅଛି ବୋଲି ଶୁଣୁଥିଲି । ଆପଣଙ୍କ ପାଇଁ ବୁଝିବା କି ?' ସେ ପଚାରିଲେ ।

ମୁଣ୍ଡ ଟୁଙ୍ଗାରି ହଁ ଭରିଲି । ସେ ଆଶ୍ବାସନା ଦେଲେ ଯେ ସେ ନିଜେ ବୁଝିବେ ।

କଥା ପ୍ରସଙ୍ଗ ଏଇଠି ଶେଷ ହେଲା । ତା'ପରେ ସମସ୍ତେ ନିଜ ନିଜ କାମରେ ଲାଗିଗଲେ । ନୂଆ ନୂଆ ପ୍ରଥମେ ସବୁ କଥା ପଚାରି ବୁଝିଲି । ମୋର କର୍ତ୍ତବ୍ୟ କଣ ? କି କି କାମ କରିବାକୁ ପଡ଼ିବ? ଅନ୍ୟାନ୍ୟ ନିୟମ ଆଦି ବୁଝୁ ବୁଝୁ ସମୟ ବିତିଗଲା ।

ଧିରେ ଧିରେ ଅଫିସ କାମରେ ମନ ଲାଗିଲା । ଆଉ ନୂଆ ଲାଗିଲାନି । ସବୁକାମ ଅଭ୍ୟାସଗତ ହୋଇଗଲା । ମଝିରେ ମଝିରେ ଅବଶ୍ୟ ଘରକଥା ମନେ ପଡ଼େ ।

ଦିନେ ଅଫିସ ସରିବାପୂର୍ବରୁ ପତିବାବୁ ଏକାନ୍ତରେ ଦେଖାକରି କହିଲେ - 'ବୁଝିଲେ, ଆମ


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ପଡ଼ିଶା ଘରଟି ଖାଲି ଅଛି । ଛୋଟ ଛୋଟ ଦୁଇଟି ବଖରା । ଛାତଘର । ପାଣିର ବ୍ୟବସ୍ଥା ନାହିଁ, ତେଣୁ ପାଣି ମଗାଇବାକୁ ପଡ଼ିବ । ଲାଇନ ଆଉ ଶୌଚାଳୟ ବ୍ୟବସ୍ଥା ରହିଛି । ଦୁଇଶ ଟଙ୍କା କହୁଛି । '

ସବୁ ଶୁଣିସାରି କହିଲି, 'ଦେଖି ଆସିଲେ ହେବ । ' ସେ କହିଲେ, 'ଏଇ ପାଖରେ, ଚାଲନ୍ତୁ ପାଞ୍ଚ ମିନିଟ ଲାଗିବ ଦେଖି ଆସିବା । '

ଦୁହେଁ ଚାଲିଲୁ । ସନ୍ତସନ୍ତିଆ ରାସ୍ତାଟିଏ । ଅବଶ୍ୟ ବର୍ଷାଯୋଗୁଁ ସେମିତି ହୋଇଥିଲା । ଉଚ୍ଚ ବାରଣ୍ଡା ଉପରକୁ ଉଠିଲୁ । ମୁଁ ବାରଣ୍ଡାରେ ଅପେକ୍ଷାକଲି । ସିଏ ଭିତରକୁ ପଶିଗଲେ ଆଉ ଘରମାଲିକଙ୍କୁ ଖୋଜିଲେ । କିଛି ସମୟପରେ ଉଭୟ ହାଜର ହେଲେ । ଭଦ୍ରବ୍ୟକ୍ତିଙ୍କୁ ପଚାଶବର୍ଷ ହେବ, ନମସ୍କାର କଲି, ସେ ପ୍ରତିନମସ୍କାର କଲେ । ଗମ୍ଭୀର ଚେହେରା । ବଳିଷ୍ଠ ଦେହ । ଆଖିରେ ମୋଟା ଚଷମା । ଡାକିଲେ - 'ଆସନ୍ତୁ' ।

ଘର ଦେଖାହେଲା । ମନକୁ ପାଇଲା । ମୁଁ ହଁ କରିଦେଲି । କାଲି ସନ୍ଧ୍ୟାରେ ସବୁ ଜିନିଷପତ୍ର ନେଇ ଆସିବି ବୋଲି କଥା ଦେଇ ଆସିଲି । ଫେରିବା ବାଟରେ ପତିବାବୁ ନିଜଘରକୁ ମୋତେ ଆମନ୍ତ୍ରଣ କଲେ । ଅଗତ୍ୟା ତାଙ୍କ ଘରକୁ ଚାଲିଲୁ ।

ଚାରିବଖରା ଘର । ଡ୍ରଇଁ ରୁମରେ ଟିଭି ଲାଗିଛି । ଆମକୁ ଦେଖି ଟିଭିବନ୍ଦ କରିଦେଇ ପିଲାମାନେ ଭିତରକୁ ଚାଲିଗଲେ । ମୁଁ ପତିବାବୁଙ୍କୁ ପିଲାପିଲି କଥା ପଚାରିଲି, ସେ କହିଲେ ଚାରୋଟି ପିଲା, ତିନୋଟି ପୁଅ ଆଉ ଗୋଟିଏ ଝିଅ । ମୁଁ ସାମାନ୍ୟ ହସିଦେଇ କହିଲି, 'ଓଃ ମାନେ ଏଇ ସାନ ଝିଅଟି ପାଇଁ ତିନୋଟି ପୁଅଙ୍କ ଆଗମନ?' ସେ ହସିଦେଇ କହିଲେ, 'ହଁ' ।

ପ୍ରକୃତରେ ଯାହାର ଝିଅ ନଥାଏ ସିଏ ଝିଅର ମହତ୍ତ୍ୱକୁ ଉପଲବ୍ଧି କରିପାରେ । କିନ୍ତୁ ଆଜିକାଲି ଝିଅର ନାଁ ଶୁଣିଲେ ଲୋକେ କାହିଁକି ଏତେ ଚିଡ଼ି ଉଠନ୍ତି ମୁଁ ଜାଣିପାରେନି । ସେମାନେ କଣ ପିଲା ନୁହେଁ ? ତାଙ୍କର କଣ ଜନ୍ମ ଅଧିକାର ନାହିଁ? ସେମାନେ କଣ ପୁଅଠାରୁ ଏତେ ହୀନ ?

ପତିବାବୁ କିଛି ସମୟ ଭିତରେ ପୋଷାକ ବଦଳାଇ ଆସିଲେ । ସାଥିରେ ତାଙ୍କ ସାନ ଝିଅ । ପାଞ୍ଚବର୍ଷ ବୟସ ହେବ । ସେ ଲାଜରେ ବାପାଙ୍କ ପଛରେ ଠିଆ ହୋଇଥାଏ । ମୁଁ ତାକୁ ପାଖକୁ ଡାକିଲି ଆଉ ପଚାରିଲି, 'ତୁମ ନାମ କଣ ?' ସେ ଲାଜରେ କିଛି କହୁନଥିଲା, ପତିବାବୁ ତାକୁ କହିବାପାଇଁ କହିଲେ ଏବଂ ସେ ସାହାସ ସଂଚୟ କରି କହିଲା, 'ମୋ ନାଁ... କୁନି' ।

ମୁଁ ହଠାତ୍ ଅସ୍ୱାଭାବିକ ମନେ କଲି । ବାରମ୍ବାର ମନେ ପଡ଼ିଗଲା ପୂର୍ବକଥା । ପତିବାବୁ ବାରମ୍ବାର ତାକୁ କହୁଥାନ୍ତି ନିଜ ପୁରା ନାଁ କହିବାକୁ । ସେ ଲାଜେଇ ଯାଇଥିଲା । ମୁଁ ପ୍ରକୃତିସ୍ଥ ନଥିଲି । ହଠାତ୍ ପତିବାବୁଙ୍କ ଡାକରେ ପ୍ରକୃତିସ୍ଥ ହେଲି ।

'ଚା କପଟା ଧରନ୍ତୁ...' ।

ଅପ୍ରସ୍ତୁତ ଭାବରେ ତାଙ୍କ ହାତରୁ ମୁଁ ଚା କପଟି ଧରି ପକାଇଲି । ପରଦା ପାଖରେ ଠିଆ ହୋଇ ପତିବାବୁଙ୍କ ସ୍ତ୍ରୀ ମୋତେ ନମସ୍କାର କରୁଥିଲେ । ମୁଁ ପ୍ରତି ନମସ୍କାର ଜଣାଇଲି । ପତିବାବୁ ମୋ ବିଷୟରେ ତାଙ୍କ ସ୍ତ୍ରୀଙ୍କୁ କହୁଥିଲେ ହେଲେ ମୁଁ ଦେଖୁଥିଲି ସେଇ କୁନି ଝିଅଟିକୁ । ତାର ଗୋଲ ଗୋଲ ଆଖି, ଚେପଟା

ନାକ ଆଉ କୁଞ୍ଚୁକୁଞ୍ଚିଆ ଚୁଟିକୁ |

ଚା କପ ଟା ଖାଲି କରିଦେଇ, 'ହଉ, ଏବେ ମୁଁ ଆସୁଛି | ' କହି ଉଠିପଡୁଥିଲି | ପତିବାବୁ ମୋତେ ଘର ବାହାର ପର୍ଯ୍ୟନ୍ତ ଛାଡ଼ିବାପାଇଁ ଆସିଲେ | ସେଦିନ ରାତିରେ ମୋତେ ଶୋଇବା ବେଳେ ଦୁଇଟା କଥା ବାରମ୍ବାର ମନକୁ ଆସୁଥିଲା, ଗୋଟିଏ ଥିଲା ନୂଆଘର ଆଉ ଅନ୍ୟଟା ଥିଲା କୁନି | ଯାହାକୁ ମୁଁ ସୁଦୂର ମୋ ନିଜ ସହରରେ ଛାଡ଼ି ଦେଇ ଆସିଛି |

ପରଦିନ ନିଜ ଜିନିଷ ନେଇ ନୂଆ ଘରେ ରଖିଦେଲି | ଏକା ରହୁଥିଲି ତେଣୁ ବେଶୀ ଜିନିଷ ନଥିଲା | ତଥାପି ସବୁ ଜିନିଷକୁ ସଜାଡ଼ି ରଖିବା ମୋର ସଉକଥିଲା | ତେଣୁ ପୁରାଦିନ ଘର ସଜାଡ଼ିବାରେ ବିତିଗଲା | ସନ୍ଧ୍ୟାହେଉ ହେଉ ସବୁ ଜିନିଷ ନିଜ ନିଜ ସ୍ଥାନରେ ରହି ସାରିଥିଲା | ପରଦିନ ଥିଲା ରବିବାର | କ୍ଳାନ୍ତଥିଲି ତେଣୁ ଆରାମ କରିବି ବୋଲି ଚିନ୍ତାକଲି, ହେଲେ ଦିନସାରା କିଛି କାମ ନ ଥିଲା, ତେଣୁ ମନକୁ ଏଣୁତେଣୁ ଚିନ୍ତା ପଶିବା ସ୍ବାଭାବିକ ଥିଲା |

ମନ ହେଉଥିଲା କୁନି ପାଖକୁ ଚିଠିଖଣ୍ଡେ ଦେବି, ହେଲେ ସାହାସ ପାଇଲିନି | ଶେଷରେ କୁନାପାଖକୁ ଚିଠି ଖଣ୍ଡେ ଲେଖିବାପାଇଁ ପୋଷ୍ଟକାର୍ଡ଼ ଧରି ବସିଲି | ଆଉ ଲେଖିଲି...

ସ୍ନେହର କୁନା,

ମୋର ସ୍ନେହ ନେବୁ | ତୁମେ ସବୁ ଭଲରେ ଥିବ ବୋଲି ଆଶା | ମୁଁ ଏଠି ସେମିତି ଅଛି | ଆଉ ଚିଠି ଦେବାକୁ କହିଥିଲି ଦେଲନି କାହିଁକି ? ତୁମେ ସବୁ ମୋତେ ଭୁଲିଗଲକି ? ତୁମେ ମାନେ ସବୁ କିନ୍ତୁ ସବୁବେଳେ ମୋତେ ମନେ ପଡୁଛ | ପାଠଶାଠ ସବୁ ଠିକ ଠାକ୍ ଚାଲିଛି ତ ? ସବୁ ଭଲରେ ଥାଅ | ମୋର ଏହି ଚିଠିପାଇବା ପରେ ମୋତେ ଚିଠି ଦେବୁ |

ରହିଲି

ଇତି

'ବାବୁ ଭାଇ'

---------------------------------

ଏ ଭିତରେ ଅନେକ ଦିନ ବିତିଗଲାଣି | ମୁଁ ଅପେକ୍ଷା କରିଥାଏ କୁନାପାଖରୁ ଚିଠିଖଣ୍ଡେ ପାଇବାପାଇଁ | ମନେ ମନେ ବେଳେ ବେଳେ ଅସ୍ବସ୍ତି ବୋଧ ବି ହୁଏ | ପରେ ଚିନ୍ତାକରେ ବୋଧହୁଏ ସେ ପିଲାଟା ସେ ବା ଚିଠିର ମହତ୍ତ୍ବ କଣ ବୁଝିବ | ତେଣୁ ସେ କଣ ଲେଖିବ? ଆଉ ରହିଲା, କୁନି, ମୁଁ ତ ତାକୁ ଚିଠି ଦେଇନି, ତେଣୁ ତା'ଠୁ ଉତ୍ତର ପାଇବାର ଆଶା କରିବା ବୃଥା | ଏମିତି ଅନେକ ଚିନ୍ତା ମୋ ମନକୁ ଅନେକଦିନ ଧରି ଘାରିଥିଲା |

ଦିନେ ଆମ ଅଫିସର ପିଉନ ରାମୁ ଚିଠି ଖଣ୍ଡେ ନେଇ ଆସିଲା | ଇନ୍‌ଲ୍ୟାଣ୍ଡ ଲେଟରଟିଏ | ଓଲଟାଇ ଦେଖିଲି ପଛରେ ଲେଖାଥିଲା, କୁନା | ଚିଠିଟି ପାଇବାପରେ ମୁଁ କେତେ ଯେ ଖୁସି ହୋଇଛି ତାହା କେବଳ ମୁଁ ହିଁ ଜାଣିଛି | ତରବରରେ ଚିଠିଟା ଖୋଲି ଦେଖିଲା ବେଳକୁ ଭିତରେ ଦୁଇଟି ଚିଠି, ଗୋଟିଏ କୁନାର ଆଉ ଗୋଟିଏ କୁନିର | ମୋ ଖୁସିଦେଖି ମୋ ସହକର୍ମୀ ହରିଚନ୍ଦନ ବାବୁ ସନ୍ଦେହରେ ମୋ ଆଡ଼କୁ ଚାହୁଁଥିଲେ | ମୋ ମୁରୁକି ହସ ଦେଖି ଯେ କେହି ସେତେବେଳେ ମୋତେ ପ୍ରଶ୍ନ କରିଥାନ୍ତା ଅବଶ୍ୟ | ମୁଁ ହସିଦେଇ କହିଲି, 'ଘରୁ ଚିଠି ଆସିଛି | '


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଚିଠିରେ କୁନା କଣ ଲେଖିଥିଲା, ତାହା ପଢ଼ିବା ପାଇଁ ମୋର ସ୍ପୃହା ନଥିଲା, ମୋତେ କେବଳ ଦେଖାଯାଉଥିଲା କୁନିର ଚିଠି । ସେ ଯାହା ଲେଖିଥିଲା -

ବାବୁଭାଇ,

ତୁମର ଟିକି ଭଉଣୀର ଶିରଲୋଟା ପ୍ରଣାମ ଗ୍ରହଣ କରିବ । ସେଦିନ ମୁଁ କଲେଜରୁ ଫେରି ଦେଖିଲି ଆମ ଡ୍ରେସିଂ ଟେବୁଲ ଉପରେ ତୁମର ଚିଠିଟା ପଡ଼ିଥିଲା । ଖୁଡ଼ୀ ଆସି କହିଦେଇ ଗଲେ ଯେ ତୁମେ କୁନାପାଖକୁ ଚିଠି ଦେଇଛ । ମୁଁ ଖୁସିରେ ଚିଠିଟିକୁ ଦୁଇ ଚାରିଥର ପଢ଼ିଲି । ହେଲେ ମୋ ନାଁ କେଉଁଠି ବି ଲେଖିନଥିଲ ! ହଁ, ମୋତେ କାହିଁକି ମନେ ପକେଇବ କି ? ମୁଁ ତୁମର କିଏ କି ? ସତରେ ବାବୁ ଭାଇ ତୁମେ ଏଠାରୁ ଗଲାପରେ ତୁମ ଘରଆଡ଼େ ମୋତେ ଜମା ଅନାଇବାକୁ ଇଚ୍ଛା ହୁଏନି । ମୁଁ ସେଦିନ କେତେ ମନ ଦୁଃଖ କରିଛି । କୋଉଦିନ କହିଲ, ଗଣେଷ ପୂଜାଦିନ, ତୁମେ ଥିଲେ ସବୁ ମିଶି ପୂଜା କରିଥାନ୍ତେ, ଭୋଜି ବି ହୋଇଥାନ୍ତା । କିନ୍ତୁ ମଣିଷ ଯାହା ଚାହେଁ କଣ ସବୁ ପାଏ? ମୁଁ ଜାଣିଛି, ତୁମେ ମୋ ପାଖକୁ ଚିଠି ଦେଲନି, କାଳେ ଏଠି ଘରେ କେହି ଖରାପ ଭାବିବେ ବୋଲି । ତୁମେ ଯଦି ମୋତେ ମିନି ଭଳିଆ ଛୋଟ ଭଉଣୀ ଭାବିବ କାହିଁକି କିଏ ଖରାପ ଭାବିବ? ଚିଠି ଦେବାକୁ ଇଚ୍ଛା ହେଉ ନଥିଲା । କିନ୍ତୁ ପରେ ଭାବିଲି, ଚିଠି ଖଣ୍ଡେ ନଦେଲେ ବାବୁଭାଇ କଣ ଭାବିବେ ? ତୁମ ଚିଠି ବହୁତ ଦିନରୁ ପହଞ୍ଚିଲାଣି । ମୁଁ କୁନାକୁ ଅନେକଥର କହିଲି ତୁମ ପାଇଁ ଚିଠିଖଣ୍ଡେ ଲେଖିବାପାଇଁ, ସେ ଡେରି କରିଦେଲା । ମୁଁ ବି ସ୍ନେହକୁ ଏଡ଼ାଇ ନ ଦେଇ ଚିଠିଟି ଲେଖିଲି । ଭୁଲଥିଲେ କ୍ଷମାଦେବ ।

ଏଠି ଆମ କଲେଜର ପାଠଶାଠ ସେମିତି ସେମିତି ଚାଲୁଛି । ଭଲ ଭାବେ କ୍ଲାସ ବି ହେଉନି । ଚିଠିପାଇ ଚିଠି ଦେବ ।

ରହିଲି ।

ଇତି

ତୁମର ଟିକି ଭଉଣୀ

'କୁନି'

ଚିଠିଟିକୁ ପଢ଼ିସାରିଲା ପରେ ମୋତେ ସେମିତି ଲାଗିଲା, ଯେମିତି ମୁଁ ବର୍ତ୍ତମାନ ଖାଇସାରି ଧୋଇ ହେବାକୁ ଯାଉଛି । ପେଟ ଭର୍ତ୍ତି ହୋଇଗଲା । କୁନିର ମୋ ପାଖକୁ ଇନ୍‌ଲ୍ୟାଣ୍ଡ ଲେଟରର ଏହା ପ୍ରଥମ ଚିଠି । ତା'ପରେ ମୁଁ ସେଇ ଚିଠିର ଉତ୍ତର ଦେଲି ଅଲଗା ପ୍ରକାରରେ । ସବୁ ପିଲାଙ୍କ ପାଖକୁ ଖଣ୍ଡେ ଖଣ୍ଡେ ଚିଠି । ତା'ସହ କୁନିପାଇଁ ଛୋଟ ଚିଠିଟିଏ ମଧ୍ୟ । ସେଥିରେ ଲେଖିଥିଲି -

ସ୍ନେହର ଚୁପଚାପ୍,

ମୋର ସ୍ନେହ ନେବୁ । ନାଁଟା କେମିତି ହେଇଛି? ମୁଁ ତ ଏତେଦିନ ସେଠି ଥିଲି, ତୋ ପାଟି ଫିଟୁନଥିଲା କେମିତି ? ତୁ ତ ଭାରି ବଢ଼ିଆ କଥା କହୁଛୁ? କଣ ପାଟି ସିଲେଇ ହୋଇଛି କି ? ଶୁଣ, ମୁଁ ତତେ ଏବେ ପର୍ଯ୍ୟନ୍ତ ଭଲକି ଚିହ୍ନିନି । ମାନେ ତୋ ମାଙ୍କଡ଼ ମୁହଁକୁ ଦେଖିନି । ବାଟରେ କୋଉଠି ଦେଖିଲେ ଚିହ୍ନିପାରିବିନି । ହଉ ଯାହାହେଲା ହେଲା, ଏବେ ଚିଠି ଖଣ୍ଡେ ଖଣ୍ଡେ ଦେବୁ । ନହେଲେ ଏଠୁ ଡିକ୍ସିନାରୀ ଦେଖି ମାଡ଼ ପଠାଇବି । ମାନେ କି ପ୍ରକାର ମାଡ଼ ଦେଲେ ତୋତେ ଠିକ୍ ହେବ, ବୁଝିଲୁ, ଚିଠିପାଇ ଚିଠି ଦେବୁ ।

ରହିଲି

ଇତି

'ବାବୁଭାଇ'

ଚିଠିଟି ଲେଖିସାରିବା ପରେ ମନେ ମନେ ଚିନ୍ତା କଲି ଯେ ଏଇଟା କୁନିପାଇଁ ମୋର ପ୍ରଥମ ଚିଠି, ଅଥଚ ମୁଁ ଏତେ ଖୋଲାଖୋଲି ଭାବରେ ଚିଠିଟିଏ କେମିତି ଲେଖିଦେଲି ? ନିଜେ ସବୁ ଅନୁଧ୍ୟାନ କରି ଜାଣିଲି ଯେ ମୋ ଅଜାଣତରେ ମୁଁ କୁନିକୁ ମୋର ଅତି ନିଜର ବୋଲି ଭାବିସାରିଲିଣି । ତା'ମାନେ ପୂର୍ବର ସେଇ ଅପରିଚିତା ଝିଅଟି ମୋ ପାଖରେ ଆଜି ଛୋଟ ଭଉଣୀ ହୋଇସାରିଛି । ପୁଣି ମୁଁ ଚିନ୍ତା କରୁଥିଲି, ସେ କଣ ସତରେ ମୋର ଅତିପ୍ରିୟ ସାନ ଭଉଣୀ ନା ମୁଁ ତାକୁ ଫୁସୁଲେଇବା ପାଇଁ ତା ନାଁ ଆଗରେ ଏମିତି ଭଉଣୀ ବୋଲି ଡାକଟା ଯୋଡ଼ି ଦେଇଛି ? କଣ ମୁଁ ଯାହା କରୁଛି ଠିକ କରୁଛି ? ତା'ପରେ ଚିନ୍ତା କଲି ମୁଁ କଣ କରିଛି ଯେ ! ମୁଁ ତ କିଛି କରିନି । ଏ ପର୍ଯ୍ୟନ୍ତ ଝିଅଟିକୁ ଭଲକି ଦେଖିନି । କଥାବାର୍ତ୍ତା ତ ଦୂରର କଥା । ଖାଲି ମନର କଥାକୁ କାଗଜରେ ଯାହା ବ୍ୟକ୍ତ କରିଛି କଲମ ଦ୍ବାରା । ଆଉ ଯାହା କିଛି ଲେଖିଛି ସେଥିରେ ଅଶ୍ଳୀଳତା ଲେଶମାତ୍ର ନାହିଁ । ତେବେ ମଧ୍ୟ ମୋ ମନରେ ଆଶଙ୍କା କାହିଁକି ? କାହିଁକି ବାରମ୍ବାର ମୁଁ ଅନୁଭବ କରୁଛି ଶତ ବୃଶ୍ଚିକର ଜ୍ବାଳା? କଣ ମୁଁ ପାଗଳ ? ହୋଇଥାଇପାରେ ! ମୁଁ ସ୍ନେହଟିକେ ପାଇବାପାଇଁ ପାଗଳ ହୋଇପାରେ । ମଣିଷର ଗୋଟିଏ ସହଜାତ ପ୍ରବୃତ୍ତି ହେଲା ସେ ଜନ୍ମରୁ ସ୍ନେହରଙ୍କୁଣା । ଯେଉଁଠି ଟିକେ ସ୍ନେହ ଶ୍ରଦ୍ଧାପାଏ, ସେ ସେଠିକୁ ଦୌଡ଼ିଯାଏ ।

ଏଇଠାରେ ପ୍ରତିପାଦିତ ହେଉଥିଲା ଯେ ସ୍ନେହପାଇଁ, ଶ୍ରଦ୍ଧାପାଇଁ ମନର ଭାବର ପ୍ରକାଶ ଦରକାର । ଏଠି ରୂପଚାତୁରୀ କିମ୍ବା ଆଭିଜାତ୍ୟ ପ୍ରକାଶର କୌଣସି ସ୍ଥାନ ନାହିଁ । ଜଣେ ଯଦି ଅନ୍ୟକୁ ତା'ର ଅନ୍ତର ଭିତରୁ ସ୍ନେହ-ଶ୍ରଦ୍ଧା କରେ ତେବେ ତାହା ନିଶ୍ଚୟ ଅନ୍ୟକୁ ପ୍ରଭାବିତ କରିବ । ଏଥିରେ ଟିକେ ହେଲେ ସନ୍ଦେହ ନାହିଁ । କେବଳ ପୁଅ ଆଉ ଝିଅ କାହିଁକି, ପୁଅ-ପୁଅ, ଝିଅ-ଝିଅ ମଧ୍ୟରେ ନିବିଡ଼ତା ସୃଷ୍ଟି ହୋଇପାରେ । ସ୍ନେହ-ଶ୍ରଦ୍ଧାର ପ୍ରାଚୀର ଏତେ ମୋଟା ଯେ ତାକୁ ଧନ, ବେଶ, ରୂପ କିମ୍ବା ବାହ୍ୟ ଭୌତିକ ଲାଳସାର ତୀର ଭେଦ କରିପାରିବ ନାହିଁ । ମଣିଷ ଭିତରେ ତ ଅନେକ ଦୋଷ ଦୁର୍ଗୁଣ ଥାଇପାରେ, କିନ୍ତୁ ପ୍ରକୃତରେ ଯିଏ ଯାହାକୁ ଭଲପାଏ କିମ୍ବା ସ୍ନେହକରେ ସେ ଅନ୍ୟର ଖରାପ ଗୁଣକୁ ବଦଳାଇ ଭଲଗୁଣ କରିବାକୁ ପ୍ରଯତ୍ନ କରେ । କାରଣ ସେ ତାକୁ ନିବିଡ଼ ଭାବରେ ଭଲପାଏ, ତା'ପାଇଁ ସେ ନିଜକୁ ଉତ୍ସର୍ଗ କରିଦିଏ ।

କ୍ରମଶଃ...



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ଖେଳନା ମୋ ପାଇଁ ନାରୀ



ରଶ୍ମୀରଞ୍ଜନ କର

ପୁରୁଷ ରୂପରେ ଜନମ ନେଇ ମୁଁ
ଦେଖାଏ ମୋ ପୁରୁଷତ୍ବ,
ନାରୀର ମର୍ଯ୍ୟାଦା ମାନ ମହତରେ
ଖେଳିବା ମୋର ବୀରତ୍ବ |
କେତେବେଳେ ସାଜେ ହିଂସ୍ର ଜନ୍ତୁ ମୁହିଁ
କେତେବେଳେ ଲୋଭୀ କଂସ,
ଯୌତୁକ ନାମରେ ପତ୍ନୀକୁ ଜଳାଏ
କରି ମୋ ବିବେକ ଧ୍ବଂସ |
ନୃଶଂସ ଭାବରେ ବଳାତ୍କାର କରେ
ପାଏ ମୁଁ ଯେବେ ଯାହାକୁ,
ଛୋଟ ପିଲାଠାରୁ ମାଆ ମାଉସୀକୁ
ଛାଡ଼େନି କେବେ କାହାକୁ |
ନିଶାଗ୍ରସ୍ତ ହୋଇ ମଣିଷତ୍ବ ଭୁଲି
ସାଜି ଗୋଟେ ଅମଣିଷ,
ପାଲଟି ଯାଏ ମୁଁ ରକ୍ତ ପୀପାଷୁ ଯେ
ଡରନ୍ତି ମୋତେ ରାକ୍ଷସ |
ନାରୀ ଯେ ମୋ ପାଇଁ ଖେଳନା ସଦୃଶ
କରେ ନାନା ଅତ୍ୟାଚାର,
ଅମାନବୀୟତା ପ୍ରକୃତି ମୋହର
ଦୋହରାଏ ବାରମ୍ବାର |
କରିକେ ପାରିଛି କରିକେ ପାରିବ
ବିକୃତି ମୋ ଭଲ କରି,
କରି ଚାଲୁଅଛି, କରି ଚାଲୁଥିବି
ବୋଲାଇ ମୁଁ ବଳାତ୍କାରୀ |
ହେବି ପତ୍ନୀ ଅତ୍ୟାଚାରୀ...
ଖେଳନା ମୋ ପାଇଁ ନାରୀ...
ଖେଳନା ମୋ ପାଇଁ ନାରୀ...



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ମୋ ଭ୍ରମଣ କାହାଣୀ

– ଟରୋଣ୍ଟୋ



ପ୍ରଶାନ୍ତ କୁମାର ଭୂୟାଁ

( ପୂର୍ବ ପ୍ରକାଶିତ ଉତ୍ତାରୁ )

କାନାଡ଼ା ବ୍ଲୁମ୍ ସତେ ଯେପରି ସାଙ୍ଗରେ ବସନ୍ତ ଋତୁକୁ ନେଇ ଆସିଥିଲା ଟରୋଣ୍ଟୋ ସହରକୁ । ଧିରେ ଧିରେ ସମସ୍ତ ବୃକ୍ଷଲତା ନିଜ ନିଜର ଶ୍ରୀମୟ ଶୃଙ୍ଗାର ନେଇ ସବୁଜ ବର୍ଣ୍ଣାଳୀର ଏକ ଅପରୂପ ଓଢ଼ଣୀ ସହ ସାରା ସହରଟାକୁ ସବୁଜିମାରେ ପରିପୂର୍ଣ୍ଣ କରିବାରେ ଲାଗିଥିଲେ । ଅପୂର୍ବ ଏଇ ଋତୁ ସମାବେଶ ଏହି ଦେଶରେ । ସମୟ ନିର୍ଘଣ୍ଟ ଭଳି ଦିନ ସପ୍ତାହ ମାସ ସହ ସବୁ ଋତୁ ଏକ କାଉଁରୀ କୁହୁକ ସ୍ପର୍ଶରେ ବିଭିନ୍ନ ରଙ୍ଗରେ ରଙ୍ଗେଇ ହୋଇ ଆସି ପୁଣି ବାହୁଡ଼ି ଯାଆନ୍ତି ନିଜର ସମୟ ନେଇ ।



ଖରାର ପ୍ରାଦୁର୍ଭାବ ଟିକେଟିକେ ଆରମ୍ଭ ହେବାକୁ ଲାଗିଲାଣି ଏଥର । ଏଣୁ ସପ୍ତାହାନ୍ତରେ ବେଳେବେଳେ ହରବର୍‌ଫ୍ରଣ୍ଟ୍ ସେଣ୍ଟର୍‌କୁ ଆମେ ଦୁହେଁ ଚାଲିଯାଉ କଳରୋଳ ଦେଖିବା ଶୁଣିବା ପାଇଁ । ଯଦିଓ କୋଳାହଳ ପାଇଁ ମୋର ଆଗ୍ରହ ନାହିଁ ତଥାପି ସଦା ଜନଗହଳିରେ ବଢ଼ିଆସିଥିବା ଏହି ଗାଉଁଲୀ ପ୍ରାଣଟା ଏହି ଜନଶୂନ୍ୟ ସହରରେ ରହିଲା ବେଳେ ଟିକେ ଖାଁଖାଁ ଲାଗୁଥାଏ । ଆମ ଭଳି ସଭିଏଁ ସେଇ ଜାଗାରେ ଜମା ହୋଇ ଯାଆନ୍ତି ଅପରାହ୍ନ ସମୟରେ। ଏଇଠି ଏବେ ସୂର୍ଯ୍ୟାସ୍ତ ହେଲା ବେଳକୁ ୭ଟା / ୮ଟା ହୋଇଯାଏ । ପୂର୍ବରେ ନଭଶ୍ଚୁମ୍ବୀ ଅଟ୍ଟାଳିକା ସହ ଦୂର ଦିଗ୍‌ବଳୟର ସୁନୀଳ ଆକାଶ ଅଣ୍ଟାରିଓ ହ୍ରଦଟାକୁ ନୀଳ କରିଦେଇଥାଏ । ପଶ୍ଚିମରେ ସୁଦୃଶ୍ୟ କାଟକୋଠା ନିକଟରେ ସମସ୍ତେ ସମାଗମ ହୋଇଥାନ୍ତି । ଉତ୍ତର ଦିଗରେ ସୁଉଚ୍ଚ ସି. ଏନ୍. ଟାୱାର୍ ଅଟ୍ଟାଳିକା ଭିଡ଼ରେ ନିଜର ଉନ୍ନତ ଶିର ଟେକି ଠିଆ ହୋଇଥାଏ । ଆଉ ଦକ୍ଷିଣ ଦିଗରେ ହ୍ରଦ ସେପାରିରେ ସେଣ୍ଟର୍ ଆଇଲାଣ୍ଡ୍ ଅତି ସୁନ୍ଦର ହୋଇ ରହିଥାଏ । ପରିବେଶ ଅତି ମନୋଲୋଭା ଦିଶୁଥାଏ । ଅତି ନିକଟରୁ ଛୋଟବଡ଼ ଜାହାଜ ସବୁ ଏଣେତେଣେ ଭାସି ବୁଲିବାର ଦୃଶ୍ୟ ସେହି ପରିବେଶର ସୌନ୍ଦର୍ଯ୍ୟକୁ ବଢ଼ାଇ ଦେଉଥାଏ ।

କେଉଁଠି ମକାପୋଡ଼ା ହୋଇ ବିକା ହେଉଥାଏ ତ କେଉଁଠି ଗାଇଗୋରୁ, ପୋଡ଼ମଇଁଷି, ଘୁଷୁରୀ, ଠେକୁଆ, କୁକୁଡ଼ାମାଂସ ସବୁ ଯାନ୍ତ୍ରୀକ ଚୁଲୀରେ ପୋଡ଼ା ହୋଇ ବିଭିନ୍ନ ନାମରେ ବିକା ହେଉଥାଏ । ବାହାରେ ଖାଇବା ପିଇବାରେ ଏମାନଙ୍କୁ କେହି ବଳିପାରିବେ ନାହିଁ । ଏତେ ଖାଇବାରେ ପୋଖତ ହେଲେ ମଧ୍ୟ ଏମାନେ ଭାରତୀୟ ଖାଦ୍ୟର ମସଲାଦାର ସୁବାସ ବରଦାସ୍ତ କରିପାରନ୍ତି ନାହିଁ । ମୁଁ କିନ୍ତୁ ଆଶ୍ଚର୍ଯ୍ୟ ହୁଏ; ଯେତେବେଳେ ଦେଖେ ଭାରତୀୟ ହୋଟେଲ୍ ମାନଙ୍କରେ ବିଦେଶୀ ହିଁ ଅତ୍ୟଧିକ ମାତ୍ରାରେ ଖାଇଥାଆନ୍ତି । ଏହି ଖାଇବା ପିଇବା ନେଇ ଆପଣଙ୍କୁ ପୁଣି କେବେ ସବିଶେଷ ଆଲୋଚନା କରିବସିବି।

ନିକଟସ୍ଥ ବିଲି ବିସପ୍ ଟରୋଣ୍ଟୋ ସିଟି ଏୟାର୍‌ପୋର୍ଟ୍‌ରୁ ପ୍ରତି ଦୁଇ ତିନି ମିନିଟ୍‌ରେ ଗୋଟିଏ ଗୋଟିଏ ଉଡ଼ାଜାହାଜ ଗୁରୁଗମ୍ଭୀର ଗର୍ଜନ କରି ଉଡ଼ି





ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଯାଉଥାନ୍ତି । ଏହି ବିମାନ ବନ୍ଦରକୁ ସମସ୍ତେ ଟରୋଣ୍ଟୋ ଆଇଲାଣ୍ଡ ଏୟାର୍‌ପୋର୍ଟ୍ ନାମରେ ଜାଣନ୍ତି । ଆକାରରେ ଏହା ଛୋଟିଆ ହେଲେ ମଧ୍ୟ ଏହା ଏକ ବ୍ୟସ୍ତବହୁଳ ବିମାନ ବନ୍ଦର ଅଟେ । ଏହି ବିମାନ ବନ୍ଦରଟି ପ୍ରଥମ ବିଶ୍ୱଯୁଦ୍ଧର ନାମକରା ପାଇଲଟ୍ ବିଲି ବିଶପଙ୍କ ନାମରେ ନାମିତ କରାଯାଇଅଛି ।

ମୋର ଅତି ବିଶ୍ୱସ୍ତ ସାଥି ମୋର ସୋନି ହେଣ୍ଡିକେମ୍‌ରେ, ଫୋଟ ପରେ ଫୋଟ ଉଠାଇ ଚାଲିଥିଲି ଯାହା ସବୁ ଆଖିକୁ ଭଲ ଲାଗିଲା। ଏହି ସମୟରେ ଜଣେ ବ୍ୟକ୍ତି ମୋର ନିକଟକୁ ଆସି



ଇଂରାଜୀରେ ପଚାରିଲେ,

"ଆପଣ କଣ ଜଣେ ଓଡ଼ିଆ ? "


ହଁ ଭରିଲି । ଆଉ ନିଜର ନାମ ତାଙ୍କୁ କହି ତାଙ୍କ ବିଷୟରେ ପଚାରିଲି । ସେ ପୁଣି ଥରେ ଇଂରାଜୀରେ ପରିଚୟ ଦେଇ କହିଲେ,

"ମୁଁ ବି ଜଣେ ଓଡ଼ିଆ । ଆମ ଘର ଭୁବନେଶ୍ୱରରେ । ହେଲେ ଏଠାରେ ରହିବାର ୬/୭ ବର୍ଷ ହୋଇଗଲାଣି ।"

କଥାବାର୍ତ୍ତାରୁ ଜାଣିବାକୁ ପାଇଲି ସେ ଏଠାରେ ଗୋଟିଏ ଉଚ୍ଚପଦରେ ଅଧିଷ୍ଠିତ । ଘରଗାଡ଼ି ସବୁ କିଣି ସାରିଲେଣି । ଅତ୍ୟନ୍ତ ଖୁସି ହେଲି ଜଣେ ଓଡ଼ିଆ ଭାଇଙ୍କ ଏଭଳି ସୌଭାଗ୍ୟ କଥାଜାଣି। ନିକଟରେ ବସିଥିବା ମୋର ସ୍ତ୍ରୀଙ୍କ ସହ ତାଙ୍କୁ ପରିଚିତ କରାଇଲି । ମୋ ସ୍ତ୍ରୀ ଓଡ଼ିଆରେ ଅତି ସନ୍ତର୍ପଣରେ ତାଙ୍କ ସହ କଥା ହେଲେ ।

ଧିରେଧିରେ କଥାବାର୍ତ୍ତା ବଢ଼ିଲା । ମୁଁ ମଝିମଝିରେ କିଛିଟା ଅସମଞ୍ଜସ ଅନୁଭବ କରୁଥିଲି ସେହି ଭଦ୍ରବ୍ୟକ୍ତି ଜଣକ କଥାବାର୍ତ୍ତା ହେଲାବେଳେ । କାରଣଟା ଏହିପରି, ମୁଁ ଅଧିକାଂଶ କଥା ଓଡ଼ିଆରେ କହୁଥିଲି ଆଉ କେତେବେଳେ କେମିତି ଇଂରାଜୀ ଟିକେ ବାହାରି ପଡୁଥିଲା । ଯେପରିକି ବାର୍ବେକ୍ୟୁ, ପିଜା, ସାଣ୍ଡଉଇଚ୍, ଏସ୍‌କାଲେଟର୍, ସବ୍‌ୱେ, ସାପ୍, ଟିସିଏସ୍ ପ୍ରଭୃତି । ଏ ସବୁର ଓଡ଼ିଆ ଯଦି କହିଥାନ୍ତି ହୁଏତ କଥାଟା ଅଲଗା ପ୍ରକାର ହୋଇଥାନ୍ତା କାରଣ ସେହି ଭଦ୍ରବ୍ୟକ୍ତି ଜଣକ ଅଧିକାଂଶ କଥା ଇଂରାଜୀରେ କହୁଥିଲେ ଆଉ କେତେବେଳେ କେମିତି ଓଡ଼ିଆ ଭାଷାଟା ତାଙ୍କ ମୁହଁରୁ ଖସିଯାଉଥିଲା । ଯେପରିକି ଶ୍ରୀମନ୍ଦିର, ଅଭଡ଼ା, ଚକୁଳି, ଗାଁ,ଘସି, ପ୍ରଭୃତି ଶବ୍ଦ ସବୁ ।

ମୁଁ ଏହା କେବେହେଁ କାହାରିକୁ ବାଧବାଧକତା କରିନାହିଁ ଯେ ମୋ ସହ କେବଳ ଓଡ଼ିଆରେ କଥା ହୁଅନ୍ତୁ ବୋଲି ହେଲେ ମୁଁ ଯେତେବେଳେ ତାଙ୍କୁ ଓଡ଼ିଆ ଜାଣି ଖୁସି ହୋଇ ଓଡ଼ିଆରେ କଥା ହେଉଥିଲି ସେତେବେଳେ ଏହା ଭାବିନେଇଥିଲି ଯେ ସେ ମଧ୍ୟ ମୋ ସହ ଓଡ଼ିଆରେ କଥା ହେବେ ବୋଲି । ହେଲେ ତାଙ୍କ ଇଂରାଜୀର ପ୍ରଗଳ୍ଭତା ଦେଖି ବି ଖୁସି ହେଲି କି , ସେ ଯାହାହେଉ ମୋର ଏଇ ଓଡ଼ିଆ ଭାଇଟା ସାଇବ




ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ହୋଇଗଲାଣି ବୋଲି...!!!

ତାପରେ ସେ ମୋତେ ପଚାରିଲେ,

"ଆଉ ପି.ଆର୍ କଲେଣି କି ନାହିଁ ?"

ମୁଁ ଅଳପ ହସି ମୁଣ୍ଡଟାକୁ ହଲାଇ ମନାକଲି । ଆଉ କହିଲି,

"ମୋର ସ୍ତ୍ରୀ ଟିସିଏସ୍ କମ୍ପାନୀ ତରଫରୁ ଏଠାକୁ ଆସିଛନ୍ତି । ଏଣୁ ଏଇଠି ରହିବାର ଠିକ୍ଠିକଣା ନାହିଁ । ଏଣୁ ପି.ଆର୍ ବିଷୟରେ ଏ ପର୍ଯ୍ୟନ୍ତ ଭାବିନାହିଁ ।"



ସେ ଯେପରି ଆକାଶରୁ ଖସି ପଡ଼ିଲେ । ଆଉ ମୁଣ୍ଡଟାକୁ ବ୍ୟଙ୍ଗ ଅଭିନେତା ପପୁଠାରୁ ଅଧିକ ଜୋର୍ରେ ହଲାଇ କହିଲେ;

"ବୁଝିଲ ଭାଇ , କଣ ପାଗଳ ହେଲଣି କି ? ସେ ଭୁଲ ଜମା, ଜମାରୁ କରିବେ ନାହିଁ । ଯେତେ ଜଲ୍ଦି ହେବ ପି.ଆର୍ କରି ସିଟିଜେନ୍ସିପ୍ ପାଇଁ ଲାଗିଯାନ୍ତୁ । ଆଉ ଓଡ଼ିଶା ଯାଇ ଲାଭନାହିଁ... କଣ ? ଆପଣ କହୁନାହାନ୍ତି , ସେଠି ଆଉ ଅଛି କଣ ? ସ୍ୱାଧିନତା ପୂର୍ବରୁ ଚଉଠେ ପଡ଼ୋଶୀ ରାଜ୍ୟ ଆଉ ଚଉଠେ ଇଂରାଜୀ ଶାସକ ଖାଇ ଦେଇଗଲେ । ଆଉ ଯାହା ରହିଲା, ସେଥିରୁ ଚଉଠେ ବନ୍ୟା ଆଉ ବଳକା ଚଉଠକୁ ଖଣ୍ଡି ରାଜନୀତି ମାଡ଼ି ବସିଛି । ଆପଣ ସେଇଠି ଆଉ କରିବେ କଣ କହୁନାହାନ୍ତି ? ଓଡ଼ିଶାରେ ମାଟି ଉପରେ ଆଉ କିଛି ନାହିଁ, ମାଟି ତଳେ ସବୁ ଯାହା ଅଛି ସେସବୁ ପାଇଁ ଧରାମରା । ଆପଣ ସେଇଠୁ ମୁକୁଳି ଆସିଛନ୍ତି , ଭାଗ୍ୟର କଥା । ଏଣୁ ମୋର କଥା ମାନନ୍ତୁ ପି.ଆର୍ କଥା ଟିକେ ବୁଝି ଆଗେଇ ଯାଆନ୍ତୁ । "

ସେତେବେଳେ ତାଙ୍କର ଚଳନ୍ତାଦୂରଭାଷଟି କିଛି ମଧୁର ଝଙ୍କାର ତୋଳି ଗାଇ ଉଠିଲା । ସେ ଖୁସିରେ କୁରୁଳି ଉଠି ତାର ପ୍ରତ୍ୟୁତ୍ତର ଦେଲେ । କଥା ସାରି କହିଲେ;

"ଭାଇ ମୋର କଥାକୁ ଧ୍ୟାନ କରିବେ । ପରେ ଆଉ କହିବେନି ଯେ ଆପଣଙ୍କୁ କିଏ ପୂର୍ବରୁ ତାଗିଦ୍ କରିନଥିଲା ବୋଲି । ମୁଁ ଟିକେ ବାଲୁରାଟା ହେଲେ ଯାହା କହେ ଠୋକ୍ଠୋକ୍ କହେ ଏଣୁ ସମସ୍ତେ ମୋ ସହ କଥା ହେବାକୁ ପସନ୍ଦ କରନ୍ତି ନାହିଁ । ହେଲେ ମୁଁ ଲୋକଙ୍କ କଥା ଏ କାନରେ ପୂରାଇ ସେ କାନରେ ବାହାରେ କରିଦିଏ । ମୋତେ ଏବେ ଯିବାକୁ ପଡ଼ିବ , କାମଟିକେ ଅଛି । ଏହା କହି ସେ ଆମ ଦୁହିଁଙ୍କ ଠାରୁ ବିଦାୟ ନେଇ ପୁଣି ଚଳନ୍ତାଦୂରଭାଷଟିକୁ କାନରେ ଲଗାଇ ଲୋକଗହଳି ସହ ମିଳାଇଗଲେ ।"

ସେ ତ ଚାଲିଗଲେ ହେଲେ ଯାହା କହିଗଲେ ତାର ପ୍ରତ୍ୟୁତ୍ତରଟା ନେଇ ଗଲେନି, ମନରେ ଏଇ ଦୁଃଖଟା ରହିଗଲା । ହୁଏତ ସେଇ ଡକରାଟା ନଆସିଥିଲେ ତର୍କବିତର୍କ ମାଧ୍ୟମରେ ଆହୁରି ଅଧିକ କିଛି ଜାଣିବାକୁ ମିଳିଥାନ୍ତା । ସେ ହୁଏତ ମୋତେ କିଛି ଦେଶଛଡ଼ା ପରାମର୍ଶ ଦେଇଥାନ୍ତେ ଆଉ ମୁଁ କିଛି ହୁଏତ ତାଙ୍କୁ କହିଥାନ୍ତି ବୁଝାଇ । ମୋର ଏଇଠି ରହିବାଟା ଅଥବା ଓଡ଼ିଶା ଫେରିଯିବାଟାକୁ ମୁଁ କାହାରି ତର୍କର ପରିସୀମାକୁ ଆଣିବାକୁ କେବେ ଚାହିଁନି। ତଥାପି ମୁଁ ଏଥିରେ ସେହି ଭଦ୍ରବ୍ୟକ୍ତିଙ୍କୁ କେବେ ଦୋଷ ଦେବିନାହିଁ ।

ମୁଁ ଅନ୍ୟର ଗଠନମୂଳକ ମତାମତକୁ ହୃଦୟଙ୍ଗମ କରେ ଆଉ ଯଥୋଚିତ ସମ୍ମାନ ବି ଦିଏ। ଜଣକର ଆଖିରେ ଆଙ୍ଗୁଠି ମାଡ଼ି ଅଥବା କାହାରି କାନ ପାଖରେ ଗଳା ଫଟାଇ ଚିତ୍କାର କରି ମୋ କଥାକୁ ଜାହିର୍ କରିବାକୁ କେବେ ଚେଷ୍ଟା କରିନାହିଁ । ମୋର ସ୍ୱାଧ୍ୟାୟ, ସ୍ୱାଧୀନ, ସ୍ୱାବଲମ୍ବୀ ଓ ସ୍ୱାଭିମାନି ଗୁଣରେ ମୁଁ ଜୀବନର ଏହି ଚଲାପଥ ଚାଲିଆସିଛି ହେଲେ କେଭେଁ ପଛକୁ ଫେରି ଚାହିଁବାରେ ସମୟ ନଷ୍ଟ କରିନାହିଁ । କେବଳ ଏତିକି ମନେ ରଖିଛି, "ବହୁତ ଅଛି କରିବାକୁ – ବେଳନାହିଁ ମୋ ମରିବାକୁ।"

ଏଇମିତି ସମୟରେ ତଳଦିନେ ପାଠାଗାରରେ ମିଶିଥିବା ଜଣେ ବନ୍ଧୁଙ୍କ ସହ ଦେଖା ସାକ୍ଷାତ ହୋଇଗଲା । ସେ ମୋର ଭଲମନ୍ଦ ସବୁ ପଚାରି ବୁଝିଲେ । ତାଙ୍କ ନିକଟରୁ ଜାଣିବାକୁ ପାଇଲି ନିକଟରେ ଚେରୀ ବିଚ୍ ବୋଲି କୁଆଡ଼େ ଭଲ ଜାଗାଟିଏ ଅଛି । ଶାନ୍ତ ସୁଶୀତଳ ପରିବେଶଟିଏ । ଏହି ଭୀଡ଼ରୁ ରକ୍ଷା ପାଇବାର ମଉକା ମିଳିଗଲା ମୋତେ । ସ୍ତ୍ରୀଙ୍କୁ କହିବୁଝାଇ ଟିଟିସି ବସ୍ ଧରି ସେହି ଚେରୀ ବିଚ୍ ଆଡ଼େ ମୁହାଁଇଲି ।

ଚେରୀ ବିଚ୍‌ର ମୁହଁରେ ଯାଇ ଆମ ବସ୍ ଅଟକିଲା । ଓହ୍ଲାଇବା ପୂର୍ବରୁ ଡ୍ରାଇଭର୍‌ଙ୍କୁ ପଚାରି ବୁଝିଲି ଫେରିବାର ଶେଷ ସମୟ କଣ ଏହି ବିଚ୍‌ରୁ । ସେ ହସି ହସି କହିଲେ ରାତି ୧୧ଟାରେ ମୁଁ ପୁଣି ଆସିବି, ଆଉ ଏହି ମଝିରେ ଆହୁରି ଅନେକ ବସ୍ ଆସି ଯାଉଥିବ ଏଣୁ ଆପଣମାନେ ଶାନ୍ତିରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରନ୍ତୁ ।

ଆମେ ଅତି ନିକଟରେ ଥିବା ହ୍ରଦକୂଳକୁ ଚାଲିଲୁ । ଅତି ସୁନ୍ଦର ଆଉ ମନୋରମ ସେ ପ୍ରାକୃତିକ ଦୃଶ୍ୟ । ଶାନ୍ତ ପରିବେଶ । ସେହି ବନ୍ଧୁ ଜଣଙ୍କୁ ବହୁତ ଧନ୍ୟବାଦ ଦେଲି ମନେମନେ ଏହିଭଳି ସୁନ୍ଦର ଜାଗାଟିଏ ପାଇଁ ପରାମର୍ଶ ଦେଇଥିବାରୁ ।

ଚେରୀ ବିଚ୍‌ର ସ୍ୱାତନ୍ତ୍ର୍ୟତା ହେଲା ଏହାର ପଶ୍ଚିମ କୂଳର କାଇଟ୍‌ବୋର୍ଡ଼ର୍‌ସ୍ ଆଉ ପୋଷା କୁକୁର ମାନଙ୍କ ବିଚରଣସ୍ଥଳୀ । ଭଳିକି ଭଳି ରଙ୍ଗର କାଇଟ୍‌ବୋର୍ଡ଼ ନେଇ ବିଭିନ୍ନ ବୟସର ଯୁବକ ଯୁବତୀ ମାନେ ବିଭିନ୍ନ ଭଙ୍ଗୀରେ ଜଳକ୍ରୀଡ଼ା କରୁଥାନ୍ତି । ଆଉ ଏପଟେ କୁକୁର ମାନଙ୍କ ବିଚରଣସ୍ଥଳୀ ଦେଖିବାର କଥା । ଲୋକ ଯେତେ କୁକୁର ସେତେ । ସମସ୍ତେ ଭଳି କି ଭଳି କୁକୁର ଗୁଡ଼ିକୁ ନେଇ ସେଠାରେ ପାଣିରେ, ପାର୍କ୍‌ରେ ବୁଲାଇବାରେ ଲାଗିଥାନ୍ତି । କେହିକେହି ବଲ୍ ଫୋପାଡ଼ି କୁକୁର ମାନଙ୍କୁ ଧାଉଁଡ଼େଇବାରେ ଲାଗିଥାନ୍ତି ।

ସେମାନଙ୍କ କଥା ଶୁଣିଲେ ଆପଣମାନେ ଆଶ୍ଚର୍ଯ୍ୟ ହେବେ । ଆମ ଦେଶରେ ଆମେ ଯେପରି ନିଜର ପୁଅଝିଅଙ୍କ ବିଷୟରେ ଆଲୋଚନା କରିଥାଉଁ ଏଠାରେ ସେହିଭଳି କୁକୁର ବିଲେଇଙ୍କ ବିଷୟରେ ସେହିଭଳି କଥା ହୁଅନ୍ତି । କୁକୁରର କୁଳ, ବର୍ଣ୍ଣ, ବ୍ୟବହାର ଉପରେ ବିଶଦ ଆଲୋଚନା ହୁଏ । ସେମାନଙ୍କ ତାଲିମ ଆଉ ନିୟମ କାନୁନ୍ ଉପରେ ଭାବ ଆଦାନ ପ୍ରଦାନ ହୁଏ । କହିବାକୁ ଗଲେ ସେହି ବିଚ୍ କୁକୁରଙ୍କର ଗୋଟିଏ ମହାସଭାସ୍ଥଳୀ ।

ଏମିତି ସମୟରେ ଗୋଟିଏ ବିରାଟକାୟ କଳାକୁକୁରଟିଏ ମୋ ଆଡ଼କୁ ଦଉଡ଼ି ଆସିଲା । ମୁଁ ଭୟରେ ଅଧା ହୋଇଯାଇଥିଲି, କୁକୁର ପାଇଁ ନୁହଁ ; ସେଇ ଇଞ୍ଜେକ୍‌ସନ୍ ପାଇଁ । ଯଦିଓ ଏବେ ଆଧୁନିକ ଇଞ୍ଜେକ୍‌ସନ୍ ବାହାରିଲାଣି ହେଲେ ପିଲାଦିନରୁ ପେଟରେ ଇଞ୍ଜେକ୍‌ସନ୍ ନେବା ଆଉ ଜଳାତଙ୍କ ରୋଗର ଭୟଟା ରହିଯାଇଅଛି । ସେହି ସମୟରେ ଜଣେ ଶ୍ୱେତାଙ୍ଗୀ ତରୁଣୀ ଥୁଣ୍ଟା ଗଛ ପଛରୁ ତା ପଛରେ ଗୋଡ଼ାଇ ଆସିଲେ । ମୋତେ କ୍ଷମା ପ୍ରାର୍ଥନା କରି କହିଲେ,

ପ୍ଲିଜ୍, ଡୋଣ୍ଟମାଇଣ୍ଡ୍ ...ଆଇ ଆମ୍ ଭେରି

ସରି...!!!

ବଟ୍ ସି ଇଜ୍ ଭେରି ଫ୍ରେଣ୍ଡଲି; ସି ଇଜ୍ ଏ ବେବୀ...ଓନ୍ଲି ୧୫ମନ୍‌ଥସ୍ ଓଲ୍ଡ୍...!!

ସି ଇଜ୍ ନଟ୍ ଗୋଇଙ୍ଗ୍ ଟୁ ହାର୍ମ୍ ୟୁ...!

ଏଣେ ଏହି ସୁଲଳିତ ଭାଷା ସରିଛିକି ନାହିଁ, ଟେନୀ ମୋ ଉପରକୁ ଆସି ମୋର ହାତକୁ ଚାଟିବାକୁ ଆରମ୍ଭ କରିଦେଲାଣି । ପାଠକେ, ଟେନୀ ସେହି ମାଇକୁକୁରର ନାମ ଥିଲା । ସେହି ଝିଅଟି ଏହା ଦେଖି ଖୁସିରେ କହି ଉଠିଲା,

ସି ଲାଇକ୍‌ସ୍ ୟୁ...! ଇଟ୍‌ସ୍ ୱଣ୍ଡର୍‌ଫୁଲ୍ ।

ତାପରେ ସେ ଟେନୀକୁ ନେଇ ସେଠାରୁ ଚାଲିଗଲେ ଆଉ ମୁଁ ହ୍ରଦ ଆଡ଼କୁ ଚାଲିଲି ମୋର ହାତ ଧୋଇବାକୁ । ଘଣ୍ଟାଏ କାଳ ସେଠାରେ ଚଲାବୁଲା କରି, ଫ୍ରେଞ୍ଚଫ୍ରାଇ ଖାଇ ଆଉ ଲେମୋନେଡ଼ ପିଇ ପୁଣି ବସ୍ ରହିବା ସ୍ଥାନକୁ ଆସିଲୁ । ଉପଯୁକ୍ତ ସମୟରେ ବସ୍ ଆସିଲା । ସେଇଠୁ ବସି ଘରକୁ ଫେରିଲୁ । ବସ୍‌ରେ ଚୁପ୍‌ଚାପ୍ ବସି ମୋ ଓଡ଼ିଆ ଭାଇଟିର କଥା ଭାବିବାରେ ଲାଗିଥିଲି । ନିଜ ସହ ନିଜେ ତର୍କ ଆରମ୍ଭ କରି ଦେଇଥିଲି । କେତେକଥା ତାଙ୍କର ସତ ଲାଗିଲା ଆଉ କେତେ ମୋ ନିଜ କଥା ମୋତେ ଭଲ ଲାଗିଲା । ଏତକ ବୁଝେଇଲି ନିଜକୁ ନିଜେ ଯେ,

ଚାରି ଚଉଠକୁ ପଡ଼ୋଶୀ ରାଜ୍ୟ, ଇଂରାଜୀ ଶାସକ, ବନ୍ୟା ଆଉ ରାଜନୀତି ମାରି ନେଲେଣି ବୋଲି କଣ ମୁଁ ମୋ ଦାୟିତ୍ୱରୁ ଓହରିଆସି ଏଇ ବିଦେଶରେ ଖୁସିରେ ରହି ପାରିବି...?

ମାଟି ଉପରେ ସବୁଜ ଶସ୍ୟର ସୁନାଭୂଇଁ ଛାରଖାର ହେଲାଣି ଆଉ ମାଟି ତଳେ ରହିଥିବା ଖଣିଜ ସମ୍ପଦ ପାଇଁ ଶିଳ୍ପପତି ମାନେ ଧରାମରା ହେଉଛନ୍ତି ଜାଣି ମୁଁ କଣ ଏଇଠି ଶାନ୍ତିରେ ବଞ୍ଚିପାରିବି...??

ଆଉ ରହିଲା ମୁକୁଳି ଆସିବା କଥା;

ମୁଁ ସେ ଭାଇଙ୍କୁ ବୁଝାଇ ପାରିଲିନି ଯେ, ଯଦିଓ ଏହି ପୈତୃକ ପ୍ରାଣଟା ଶିକ୍ଷାଗତ ଯୋଗ୍ୟତା ଆଉ ଉପଯୁକ୍ତ ତାଲିମ ନେଇ ବିଦେଶ ଆସିଗଲା ହେଲେ ମୋର ନିରୀହ ଆତ୍ମାଟା କଣ ଓଡ଼ିଶାରୁ ମୁକୁଳି ଆସିପାରିଛି...???

ମନଟା ରହି ରହି ଏମିତି ଗୁମୁରୀ ହେବାରେ ଲାଗିଛି ଏଇଠି ସାତ ସମୁଦର ପାରିରେ। ଏବେବି ଜନ୍ମଦିନରେ ଚକୁଳି ଆଉ କ୍ଷୀରି, ପର୍ବପର୍ବାଣୀରେ ଅଭଡ଼ା ଆଉ ନିତିପ୍ରତି କାଞ୍ଜି, ଆମ୍ବିଳା, ସାକର, ପିଠଉ ଭଜା, ଘାଣ୍ଟ, ସନ୍ତୁଳା,ପ୍ରଭୃତି ଖାଇବାର ଅଭ୍ୟାସ ଛାଡ଼ି ପାରିନି । ଛାଡ଼ି ପାରିବିନି ବୋଧେ । କିଏ ମୋତେ ସୁଦୁ ଦେଶୁଆ କହୁ କି ମଫ ଗାଉଁଲୀ କହୁ ମୋର ସେଥିର କିସ ଯାଏ...!!!

ଏ ପର୍ଯ୍ୟନ୍ତ ଖାଇବାରେ, ପିଇବାରେ, ପିନ୍ଧିବାରେ କାନାଡ଼ିଆନ୍ ହୋଇପାରିନି। ମୋ ଘରେ ଏବେବି ବାର୍‌ବେକ୍ୟୁ ଆସିନାହିଁ...!!!

( କ୍ରମଶଃ )

[ ମୁଁ ମୋର ସେହି ଓଡ଼ିଆ ଭାଇଙ୍କୁ ଅନୁରୋଧ କରିବି ଯେ, ଯଦି କୌଣସି ଦିନ ସେ ଏହି ରଚନାକୁ ପଢ଼ନ୍ତି ତେବେ ମୋର ଏହି ଲେଖାଗତ ଦୋଷାଦୋଷ କ୍ଷମା କରିଦେବେ। ମୁଁ ଏହା ଆପଣଙ୍କୁ କଦାଚିତ ଦୁଃଖ ଅଥବା ଅପମାନ ଦେବା ଉଦ୍ଦେଶ୍ୟରେ ଲେଖିନାହିଁ କାରଣ ମୁଁ ଆପଣଙ୍କ କୌଣସି କଥାର ଅର୍ଥରୁ ଅନର୍ଥ ବାହାର କରିନାହିଁ । ଆପଣ ନିଜସ୍ୱ ମତବାଦ ଦେଇଛନ୍ତି ସ୍ୱକୀୟ ଭାବନା ସହ। ଏହା କେବଳ ପାଠକ ମାନଙ୍କ ନିକଟରେ ପ୍ରକାଶ କରିବାର ଆଗ୍ରହକୁ ନେଇ ଲେଖିଅଛି । ]

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ବରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ବାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ବରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା -

**aahwaan@gmail.com**

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**
ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ